

Odia Daily
www.theutkalsamachar.com
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ
The Utkal Samachar
www.theutkalsamachar.com
ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:289✦23 February 2024 (Friday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୮୯ ✦୨୩ ଫେବୃଆରୀ ୨୦୨୪ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

# ବିରୋଧୀଙ୍କୁ ଟାର୍ଗେଟ କରିଲେ ରାଜନାଥ ସିଂହ

## ଏଥର ଓଡ଼ିଶାକୁ ଦରକାର ଡବଲ ଇଞ୍ଜିନ ସରକାର



ଭୁବନେଶ୍ୱର, ୨୨/୨(ନି/ପ୍ର): ଓଡ଼ିଶା ସହ ମୋର ଭାବନାତ୍ମକ ସଂପର୍କ ରହିଛି । ଭାରତ ସୁରକ୍ଷା ଯାତ୍ରା ଓଡ଼ିଶାରୁ ଆରମ୍ଭ କରିଥିଲୁ। ସେତେବେଳେ ଆତଙ୍କବାଦ, ନକ୍ସଲବାଦ ଓ ଆତଙ୍କ ସବୁବେଳେ ଲାଗି ରହିଥିଲା । ଆଜି ଆତଙ୍କବାଦ କେଉଁଠି ରହିଛି, ଆପଣମାନେ ଜାଣିଛନ୍ତି । ପୁଲଓ୍ୱାମା ଘଟଣା ପରେ ମୁହଁତୋଡ଼ ଜବାବ ଦିଆଯାଇଛି । ଏବେ ନକ୍ସଲବାଦ କେବଳ କିଛି ଜିଲ୍ଲାରେ ସୀମିତ ରହିଛି । ଓଡ଼ିଶାରେ ବି ଡବଲ ଇଂଜିନ ସରକାର ଦରକାର ବୋଲି ନବରଙ୍ଗପୁର ସଭାରେ ନିଜ ବକ୍ତବ୍ୟରେ କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ବାୟୁସେନା ସ୍ୱତନ୍ତ୍ର ବିମାନରେ ନବରଙ୍ଗପୁରରେ ପହଂଚିବା ପରେ ସେଠାରେ ଦଳୀୟ ନେତା ରାଜନାଥ ସିଂହଙ୍କୁ ସ୍ୱାଗତ କରିଥିଲେ। ପରେ ବିଜେପିର କୋର କମିଟି ବୈଠକରେ ଯୋଗ ଦେଇ ସ୍ଥାନୀୟ ଅଂଚଳରେ ଆୟୋଜିତ ଜନସଭାରେ କର୍ମୀଙ୍କୁ ୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଏହି ସଭାରେ କଂଗ୍ରେସକୁ କଡ଼ା ସମାଲୋଚନା କରିବା ସହ ମୋଦି ସରକାରଙ୍କ ସଫଳତା କଥା ବଖାଣିଥିଲେ । ବିଜେପି ଗତ ନିର୍ବାଚନରେ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କରିଛି । କଂଗ୍ରେସ କେବଳ ଧୋକା ଦେବା ଜାଣିଛି ବୋଲି ରାଜନାଥ କହିଥିଲେ । ସେ ଆହୁରି ମଧ କହିଛନ୍ତି ଯେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସାରା ଦେଶର ଚିତ୍ର ବଦଳିଛି । ଏଠାରେ ବି ଡବଲ ଇଂଜିନ ସରକାର ହେବା ଦରକାର । ମୋଦିଙ୍କ ସନ୍ଦେଶ ନେଇ ପ୍ରତି କାର୍ଯ୍ୟକର୍ତ୍ତା ଲାଭାର୍ଥୀଙ୍କ ପାଖକୁ ଯାଆନ୍ତୁ । ସବୁ ଲାଭାର୍ଥୀଙ୍କୁ ମୋଦି ଦେଉଥିବା ସୁବିଧା ମିଳିବା ଦରକାର । ବିଜେପି ଏକମାତ୍ର ପାର୍ଟି ଯିଏକି ଯାହା କହେ, ସେୟା କରେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନବରଙ୍ଗପୁର ସଭାରେ ରାଜନାଥ ସିଂ ତାଙ୍କ ବକ୍ତବ୍ୟ ରଖି ଜାମ୍ମୁ କାଶ୍ମୀର ପ୍ରସଙ୍ଗ ମଧ ଉଠାଇଥିଲେ । ସେ କହିଥିଲେ ବିଶ୍ୱସନୀୟତା ସଂକଟକୁ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ପ୍ରଧାନମନ୍ତ୍ରୀ । ଯାହା ଘୋଷଣା ପତ୍ରରେ କହିଥିଲୁ, ସବୁ ପୂରଣ କରିଛୁ । ପୂର୍ବରୁ କହିଥିଲୁ ୩୭୦ ଧାରା ଉଠାଇବୁ, ଜାମ୍ମୁ କାଶ୍ମୀରରୁ ୩୭୦ ଉଠାଇଲୁ । ତିନ୍ ? ତଲାକ୍ ? ଉଠାଇବୁ କହିଥିଲୁ, ଆମେ ଆମ କଥା ରକ୍ଷା କଲୁ । ଆମେ ରାଜନୀତି କରୁଛୁ, କେବଳ ଦେଶ ଗଠନ ପାଇଁ । ଗତ ୧୦ ବର୍ଷରେ ମୋଦି ସରକାର ୩୦ ହଜାର କିମି ରାସ୍ତା କରିଛନ୍ତି । ଆୟୁଷ୍ମାନ ଭାରତ ଯୋଜନାରେ ଗରିବଙ୍କୁ ସ୍ୱାସ୍ଥ୍ୟ ସୁବିଧା ମିଳୁଛି । ଓଡ଼ିଶା ସହ ଆମ ସରକାର ଭେଦଭାବ କରିନି । ଏଠାରେ ମେଡିକାଲ କଲେଜ, ଇଂଜିନିୟରିଂ କଲେଜ ବଢ଼ିଛି । ଜନତାଙ୍କ ସେବା କରିବା ଆମ ପ୍ରଧାନମନ୍ତ୍ରୀଙ୍କ ଏକମାତ୍ର ଉଦ୍ଦେଶ୍ୟ ବୋଲି ରାଜନାଥ ସିଂହ କହିଥିଲେ ।

# ହୁତୁହୁତୁ ହୋଇ ଜଳିଲା ଟ୍ରେନ

## ଢେଙ୍କାନାଳରେ ଅଘଟଣ



ଢେଙ୍କାନାଳ, ୨୨/୨: ପୁଣି ସାମ୍ନାକୁ ଆସିଲା ଆଉ ଏକ ବଡ଼ ଧରଣର ଟ୍ରେନ ଟ୍ରାଜେଡି । ମେଟେନାନ୍ସ ଟ୍ରେନ ଇଞ୍ଜିନରେ ଅଗ୍ନିକାଣ୍ଡ । ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ରୋଡ଼ ଷ୍ଟେସନ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି । ଟ୍ରେନର ଇଞ୍ଜିନ ଭାଗରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ତେବେ ହୁତୁହୁତୁ ହୋଇ ଇଞ୍ଜିନଟି ଜଳୁଥିବାର ଦୃଶ୍ୟ ସାମ୍ନାକୁ ଆସିଛି । ସେପଟେ ଘଟଣା ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପହଚିଂଛି ଦମକଳବାହିନୀ । ସେମାନେ ବର୍ତ୍ତମାନ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ତେବେ ସର୍ଟ ସର୍କିଟ କାରଣରୁ ଏହି ଅଘଟଣ ଘଟିଥିବା କୁହାଯାଉଛି ।

# କଟକର ବାରବାଟୀରେ ହେବ ଆଇପିଏଲ ମ୍ୟାଚ୍ !



ଭୁବନେଶ୍ୱର , ୨୨/୨(ନି/ପ୍ର): ନୂଆ ଷ୍ଟାଡିୟମ ନିର୍ମାଣକୁ ନେଇ କଟକର ବାରବାଟୀ ଷ୍ଟାଡିୟମ ଗତକାଲି (ବୁଧବାର) ଚର୍ଚ୍ଚାରେ ଥିବାବେଳେ ଆଜି ପୁଣି ଥରେ ଚର୍ଚ୍ଚାକୁ ଚାଲିଆସିଛି । ବାରବାଟୀରେ ଏବର୍ଷ ଆଇପିଏଲ ମ୍ୟାଚ ହେବାର ସମ୍ଭାବନା ରହିଛି । ଦିଲ୍ଲୀ କ୍ୟାପିଟାଲ୍ସ ବାରବାଟୀ ଷ୍ଟାଡିୟମରେ କେତୋଟି ମ୍ୟାଚ ଖେଳିପାରେ ବୋଲି ଗଣମାଧମ ସୁତ୍ରରୁ ସୂଚନା ମିଳିଛି । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ ପ୍ରସ୍ତୁତ ନଥିବାରୁ ଦିଲ୍ଲୀର ପ୍ରଥମ କେତୋଟି ମ୍ୟାଚ କଟକରେ କରିବାକୁ ଆୟୋଜକମାନେ ଚିନ୍ତା କରୁଛନ୍ତି । ଅରୁଣ ଜେଟଲି ଷ୍ଟାଡିୟମରେ ମହିଳା ଆଇପିଏଲ ଫାଇନାଲର ଅଳ୍ପ କିଛି ଦିନ ପରେ ପୁରୁଷ ଆଇପିଏଲ ମ୍ୟାଚ ପଡୁଥିବାରୁ ସେଥିପାଇଁ ଏହି ଷ୍ଟାଡିୟମ ପ୍ରସ୍ତୁତ ହୋଇନଥିବ । ଏଥିପାଇଁ ବାରବାଟୀକୁ ବିକଳ୍ପ ଭେନ୍ୟୁ ଭାବେ ବିଚାର କରାଯାଉଛି ।

# କମିଲା ତାତି

## ୨୮ ପର୍ଯ୍ୟନ୍ତ ହାଲୁକା ବର୍ଷାର ସମ୍ଭାବନା



ଭୁବନେଶ୍ୱର, ୨୨/୨ (ନି/ପ୍ର): ରାଜ୍ୟରେ ତାତିରୁ ମିଳିବ ଆଶ୍ୱସ୍ତି, ବଦଳିବ ପାଗ । କାରଣ ୨୮ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକା ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜିଠୁ କମିବ ଦିନର ତାପମାତ୍ରା ମଧ ହ୍ରାସ ପାଇବ । ଆସନ୍ତାକାଲିଠୁ ତାପମାତ୍ରାରେ ଆହୁରି ପରିବର୍ତ୍ତନ ହେବ ବୋଲି ଜଣାଯାଇଛି । ଏଠାରେ ସୂଚାଇ ଦିଆଯାଇପାରେ କି ଚଳିତ ବର୍ଷ ତାପମାତ୍ରା ବହୁତ ଅଧିକ ରହିବ ବୋଲି ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ ଲଗାଇଛନ୍ତି । ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନର ତାପମାତ୍ରା ୩୬ ଡିଗ୍ରୀ ଛୁଇଁଥିଲା । ବିଶେଷକରି ରାଜଧାନୀ ଭୁବନେଶ୍ୱରର ବହୁତ ଖରା ଅନୁଭୂତ ହେଉଥିଲା । ଫେବୃୟାରୀ ମାସରୁ ଏତେ ଖରାକୁ ନେଇ ସମସ୍ତେ ଆଗାମୀ ଦିନର ଅବସ୍ଥାକୁ ନେଇ ଆତଙ୍କିତ ହୋଇପଡିଥିଲେ । ଏବେ ପାଣିପାଗ ବିଭାଗ ପକ୍ଷରୁ ଏହି ଖବର ସମସ୍ତଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି ।

# ମାର୍ଚ୍ଚ ୬ରେ ମୋଦୀଙ୍କ ପଶ୍ଚିମବଙ୍ଗ ଗସ୍ତ !

ନୂଆଦିଲ୍ଲୀ, ୨୨/୨: ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଓ ହିଂସାକୁ ନେଇ ସାରାଦେଶ ସ୍ତବ୍ଧ ହୋଇଯାଇଛି । ବିଜେପି, କଂଗ୍ରେସ, ବିଏସପି ସମେତ ଅନେକ ଦଳ ଏହି ପ୍ରସଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ ସରକାରଙ୍କୁ



ବିରୋଧ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଇତି ମଧ୍ୟରେ ସୂଚନା ମିଳିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ପଶ୍ଚିମବଙ୍ଗ ଗସ୍ତ କରିପାରନ୍ତି । ସେ ପଶ୍ଚିମବଙ୍ଗର ଉନ୍ନର ୨୪ ପ୍ରଗଣା ଜିଲ୍ଲାରେ ଏକ ରାଲି କରିବେ ବୋଲି କୁହାଯାଉଛି । ସନ୍ଦେଶଖାଲି ମଧ ଉନ୍ନର ୨୪ ପ୍ରଗଣା ଜିଲ୍ଲାରେ ଅବସ୍ଥିତ । କେବଳ ଏତିକି ନୁହେଁ ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ସନ୍ଦେଶଖାଲିର ପୀଡିତ ମହିଳାମାନଙ୍କୁ ମଧ ସାକ୍ଷାତ କରିପାରନ୍ତି ।

# ମୁଖ୍ୟମନ୍ତ୍ରୀ କହିଲେ- ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ପିଲାଙ୍କ ପାଇଁ ଆଦର୍ଶ ସୃଷ୍ଟି କରନ୍ତୁ

## ୫୭୬ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ମିଳିଲା ନିଯୁକ୍ତିପତ୍ର



ଭବନେଶ୍ୱର, ୨୨/୨ (ନି/ପ୍ର): ଆଜି ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲରେ ୫୭୬ ଜଣ ହିନ୍ଦି ଓ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପର୍ବରେ ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୩୬୮ ଜଣ ହିନ୍ଦି ଓ ୨୦୮ ଜଣ ସଂସ୍କୃତ ଶିକ୍ଷକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ କନ୍‌ଭୋନସନ ସେଣ୍ଟରରେ ଏକ ନିଯୁକ୍ତି ପର୍ବର ଆୟୋଜନ ସହିତ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂତନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଶିକ୍ଷା ଗୋଟିଏ ଜାତିର ଚିନ୍ତା, ଏହା ଚେତନାରେ ପରିବର୍ତ୍ତନ ଆଣିଥାଏ । ଛାତ୍ରଛାତ୍ରୀଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ । ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ ଅନୁପ୍ରାଣିତ କରିବାକୁ ସେ କହିଥିଲେ । ଏଥିସହ ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବା ପାଇଁ ମଧ ସେ ପରାମର୍ଶ ଦେଇଥିଲେ । ଏହି ଲକ୍ଷ୍ୟ ନେଇ ଆମର ୫ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପ୍ରକାଶ କରି ସେ କହିଲେ ଯେ, ଏହାଦ୍ୱାରା ରାଜ୍ୟର ସ୍କୁଲ ଗୁଡିକର ଭିତ୍ତିଭୂମି ଓ ପରିବେଶରେ ସମ୍ପୂର୍ଣ୍ଣ ରୂପାନ୍ତର ଆସିଛି । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲ ଗୁଡିକରେ ଶିକ୍ଷାର ଗୁଣାତ୍ମକ ମାନରେ ଉଲ୍ଲେଖନୀୟ ବୃଦ୍ଧି ଆସିପାରିଛି । ମୁଖ୍ୟମନ୍ତ୍ରୀ କହିଲେ ଯେ, ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜରିଆରେ ୪୬୦୫ଟି ନୂଆ କ୍ଲାସରୁମ୍ ?, ୧୬,୯୨୦ଟି ସ୍ମାର୍ଟ କ୍ଲାସରୁମ, ୭୮୬୩ଟି ଆଧୁନିକ ଲାବୋରେଟୋରୀ, ୭୯୨୦ଟି ଇ-ଲାଇବ୍ରେରୀ ସୃଷ୍ଟି କରାଯାଇଛି । ବିଭାଗୀୟ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟରେ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ମାଧ୍ୟମିକ ସ୍ତରରେ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ୪୭୪୨ ଜଣ ଶିକ୍ଷକ ନିଯୁକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍ ?ଦର୍ଶନରେ ୫ଟି ମନ୍ତ୍ର ଆଧାରରେ ଶିକ୍ଷା ବିଭାଗ ଏବେ ଶୀର୍ଷରେ ପହଚିଂ ପାରିଛି । ଶିକ୍ଷାର ମାନ ବୃଦ୍ଧି ହେଲେ, ଦେଶର ବିକାଶ ହୁଏ ବୋଲି ସେ ମତ ଦେଇ ଶିକ୍ଷକ ମାନଙ୍କୁ ପିଲାଙ୍କ ନୈତିକ ବିଚାରଧାରାରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇ ଜଣ ନବନିଯୁକ୍ତ ଶିକ୍ଷୟିତ୍ରୀ ରେଶମା ବେହେରା ଓ ସଶ୍ମିତା ନାୟକ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ରେଶମାଙ୍କ ପରିବାରରେ ସମସ୍ତେ ଶିକ୍ଷକ ବୃତିରେ ଥିବାବେଳେ, ସଶ୍ମିତା କହିଥିଲେ ଯେ ତାଙ୍କ ପରିବାରରେ ସେ ପ୍ରଥମ ସରକାରୀ କର୍ମଚାରୀ । ଉଭୟ

ଆବଶ୍ୟକ
www.theutkalsamachar.com
ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା, ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।
Address:Qrs No:B/204, Sec-16, Rkl
Mob: 9439951525
email-utkalsamachar@gmail.com

# ଅଲ୍ ଇଣ୍ଡିଆ ମ୍ୟାନେଜମେଂଟ ଆସୋସିଏସନର ପ୍ରତିଷ୍ଠା ଦିବସରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ




## ସ୍ୱଦେଶୀ ଷ୍ଟାର୍ଟଅପ୍ ଗୁଡ଼ିକ ଉପରେ ନିବେଶ କରିବା ପାଇଁ ଆହ୍ୱାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୨: କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଅଲ୍ ଇଣ୍ଡିଆ ମ୍ୟାନେଜମେଂଟ ଆସୋସିଏସନ(ଆଇମା)ର ୬୮ତମ ପ୍ରତିଷ୍ଠା ଦିବସ ଏବଂ ୧୮ତମ ଜାତୀୟ ମ୍ୟାନେଜମେଂଟ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଦେଶୀ ଷ୍ଟାର୍ଟଅପ୍ ଗୁଡ଼ିକ ଉପରେ ନିବେଶ କରିବା ପାଇଁ ଶିଳ୍ପ ସମାଜକୁ ଆହ୍ୱାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତ ହେବ ଅନଷ୍ଟପେବୁଲ । ଶିକ୍ଷା ଠାରୁ ଆରମ୍ଭ କରି ଅର୍ଥନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ଉତ୍କର୍ଷତା ହାସଲ କରିବ । ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ସମ୍ପ୍ରସାରଣ କରିବା ପାଇଁ ସ୍ୱଦେଶୀ ଷ୍ଟାର୍ଟଅପ୍ ଗୁଡ଼ିକ ଉପରେ ଅଧିକ ଭରସା କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ । ଅଲ୍ ଇଣ୍ଡିଆ ମ୍ୟାନଜମେଂଟ ଆସୋସିଏସନ ପରି ଅନୁଷ୍ଠାନ ଗୁଡିକ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଜରୁରୀ । ଲୋକମାନଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମାର୍ଗଦର୍ଶନ ଦେବା ସହିତ ଭାରତର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବା ଦିଗରେ ଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିବା ପାଇଁ ସେମାନଙ୍କ ଭୂମିକା ପ୍ରତିପାଦିତ କରିବା ଦରକାର । ସେ କହିଛନ୍ତି ଯେ ଆମର ସାମୂହିକ ବୁଦ୍ଧିମତାକୁ ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯିବା ଉଚିତ୍ । ଏହି କଥାକୁ ଆମ ଭିତରେ ସୀମିତ ନ ରଖି ପରବର୍ତ୍ତୀ ପିଢ଼ି ପାଖରେ ମଧ ପହଚାଂଇବା ଦରକାର । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଏହା ଦ୍ୱାରା ବିପୁଳ ସୁଯୋଗ ସୃଷ୍ଟି ହେବ । ଏହି ସୁଯୋଗର ବ୍ୟବହାର କରିବା ସହ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଏକ ସାମୂହିକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଆମ ଆଗରେ ଚ୍ୟାଲେଞ୍ଜ ରହିଛି । ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ବିଚାରବିମର୍ଶ କରିବା ପାଇଁ ଶ୍ରୀ ପ୍ରଧାନ ଶିଳ୍ପ ସମାଜକୁ ପରାମର୍ଶ ଦେଇଥିଲେ । ଅଲ୍ ଇଣ୍ଡିଆ ମ୍ୟାନଜମେ[ ଆସୋସିଏସନର ପ୍ରତିଷ୍ଠା ଦିବସ ପାଇଁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ମ୍ୟାନେଜମେଂଟ, ସମାଜସେବା ଏବଂ ଥଟ୍ ଲିଡରସିପ୍ ନେତୃତ୍ୱ ପାଇଁ ପୁରସ୍କୃତ ହୋଇଥିବା ସମସ୍ତ ବିଶିଷ୍ଟ ଶିଳ୍ପପତିଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255916
Email: utkalsamachar@gmail.com, Mob: 9437086122

## ମାଛ ଧରିବା ହେଲା କାଳ, ୪ ଦିନ ପରେ କାରୋନଦୀରୁ ମିଳିଲା ଯୁବକର ମୃତଦେହ



ବଡ଼ବିଲ,୨୨/୨(ନି/ପ୍ର): ମାଛ ଧରିବା ହେଲା କାଳ। ମାଛ ଧରିବାକୁ ଯାଇ କାରୋନଦୀରେ ବୁଡି ଜଣେ ଯୁବକ ଗତ ୧୮ ତାରିଖରେ ମୃତ୍ୟୁ ହୋଇଥିବାବେଳେ, ଆଜି ୪ ଦିନପରେ ଯୁବକର ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବଡ଼ବିଲ ପୁଲିସକୁ ଖବର ଦେବାପରେ ଅଗ୍ନିଶମ ବିଭାଗର ସହଯୋଗରେ ମୃତଦେହ ଉଦ୍ଧାର କରାଯାଇଥିଲା।ପୂର୍ବ ସୂଚନା ଅନୁଯାୟୀ ଗତ ୧୮ ତାରିଖ ଅପରାହ୍ନ ୪ ଘଟିକା ସମୟରେ, ବଡ଼ବିଲ ଥାନା ଅନ୍ତର୍ଗତ ହାୟାରପୁର ଗ୍ରାମର ଦୁଲୁ ମୁଣ୍ଡା(୪୦ବର୍ଷ)ତାର ୫ ଜଣ ସହଯୋଗୀଙ୍କ ସହ ନିକଟସ୍ଥ କାରୋନଦୀକୁ ମାଛଧରିବାକୁ ଯାଇଥିଲେ। ହେଲେ ମାଛଧରିବା ସମୟରେ କରୋନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସାଥି ସହଯୋଗୀ ମାନେ ଆସି ଦୁଲୁର ପରିବାର ଲୋକଙ୍କୁ ଖବର ଦେଇଥିଲେହେଁ, ଅଗ୍ନିଶମ ବିଭାଗର ସହଯୋଗରେ ଅନେକ ଖୋଜାଖୋଜି କରିଥିଲେହେଁ ଦୁଲୁର କୌଣସି ପତ୍ତା ପାଇପାରିନଥିଲେ। ଆଜି ଉକ୍ତ ସ୍ଥାନରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ, ଅଗ୍ନିଶମ ବିଭାଗର ସହଯୋଗରେ ଆଜି ଦୁଲୁର ମୃତଦେହ ଉଦ୍ଧାରକରି ଥିବା ଜଣାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇଥିବା ଥାନାଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

## ବୈତରଣୀରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ



ଆନନ୍ଦପୁର,୨୨/୨(ନି/ପ୍ର): ଘସିପୁରା ଥାନା ବୈତରଣୀ ନଦୀର କୁଖେଶ୍ୱର ଘାଟରେ ବୁଡ଼ିଯାଇ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟୁକୁଣା ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର ରଣଜିତ ଜେନା(୧୭) । ବାଇଲୋ ପଂଚାୟତ ଗୁହାଳିଆ ଗ୍ରାମର ବାବୁଲି ଜେନାଙ୍କ ପୁଅ ରଣଜିତ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଗତକାଲି ଦିନ ଗୋଟାଏ ବେଳେ ପରୀକ୍ଷା ସରିବା ପରେ ସେ ଘରକୁ ଫେରୁଥିଲେ । ରାସ୍ତାରେ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ ଟୁକୁଣା କୁକ୍ଷେଶ୍ୱର ଘାଟରେ ଗାଧୋଉଥିଲେ । ହଠାତ୍ ନଦୀରେ ପାଣି ଆସିବାରୁ ସେ ଭାସି ଯାଇଥିଲେ। ସାଙ୍ଗମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକେ ବହୁ ଖୋଜାଖୋଜି କରିବା ପରେ ରଣଜିତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘସିପୁରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନାଯୋଗ୍ୟ, ସିଂହନାଳୀଠାରେ ଥିବା ଚୈତରଣୀ ପାୱାର ପ୍ରୋଜେକ୍ଟରୁ ଅନେକ ସମୟରେ ଅଘୋଷିତ ଭାବେ ପାଣି ଛଡ଼ାଯାଉଛି। ଯେଉଁଥିପାଇଁ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି ।

ଉତ୍କଳ ସମାଚାର
THE UTKAL SAMACHAR
( A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
*FOR NEWS AND ADVERTISEMENT CONTACT AT:*
CITY OFFICE: B/204, SECTOR-16, ROURKELA, PH:0661-2646999
PRAKASH KUMAR DHAL (EDITOR) MOB: 9439951525
Email: utkalsamachar@gmail.com

## କଂଗ୍ରେସଦଳର ଓଡ଼ିଶା ଜନସାଧାରଣ ସେବା ଟ୍ରଷ୍ଟ ଜରିଆରେ ଶକ୍ତି ପ୍ରଦର୍ଶନ



ଅନୁଗୁଳ,୨୨/୨(ନି/ପ୍ର): ଆଜି ଦିନ ୧୦ଘଟିକା ସମୟରେ ୨୫୦୦ ରୁ ଅଧିକ ମହିଳା ସ୍ଥାନୀୟ ମାଉସୀମା ମନ୍ଦିର ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ସ୍ଥାନିୟ ଟାଉନ ହଲ ପରିସରରେ ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା। ମହିଳା ମାନଙ୍କର ବିଭିନ୍ନ ସମସ୍ୟା ଓ ଲୋକଙ୍କ ସେବା କିପରି କରାଯାଇ ପାରିବ ସେଥିପାଇଁ ବିଭିନ୍ନ ବକ୍ତା ଓ ଶ୍ରୋତା ମାନେ ନିଜର ମତ ପ୍ରକାଶ କରିଥଲେ । ତା ସହିତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭନ୍ନ ଜନମାରଣା ନିତି ବିରୋଧରେ ଦୋଷାରୋପ କରିଥିଲେ। ମହିଳା ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ ହୋଇପାରିବ ସେହି ସବୁ ବିଷୟରେ କଂଗ୍ରେସ ନେତାମାନେ ମହିଳା ମାନଙ୍କ ସହିତ ଆଲୋଚନା କରିବା ସହିତ ସମାଧାନର ପନ୍ଥା ବିଷୟରେ ଆଲେଚନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିପ୍ର ବର ସାହୁ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିପିନ ବିହାରୀ ଦାସ। କଂଗ୍ରେସ ନେତା ଶ୍ରୀଯୁକ୍ତ ଜୟନ୍ତ ସାହୁ , ଶ୍ରୀଯୁକ୍ତ ଦେବାଶିଷ ଘୋଷ ,ଶ୍ରୀଯୁକ୍ତ ବିଜୟାନନ୍ଦ ଚାଉଳିଆ ଶ୍ରୀ ପ୍ରବୋଧ କୁମାର ସ୍ୱାଇଁ, ଶ୍ରୀଯୁକ୍ତ ଦିଗାମ୍ବର ଗଡ଼ନାୟକ ଶ୍ରୀମତୀ, ବୈଜୟନ୍ତି ସାହୁ ,ଶ୍ରୀଯୁକ୍ତ ଧର୍ମେନ୍ଦ୍ର ନାଥ ମିଶ, ଶ୍ରୀ ଦିପୁ ମହାପାତ୍ର, ଏବଂ ଶ୍ରୀ ଅଶୋକ ନାଏକ, ଶ୍ରୀ ଅଭିଷେକ ନାଏକ, ଶ୍ରୀ ଶାହିଲ କୁମାର ପ୍ରମୁଖ ଯୋଗଦାନ କରିଥିଲେ ।

## ଦାୟିତ୍ୱହୀନ ପ୍ରଶାସନ: ଆଗକୁ ମହାଶିବରାତ୍ରି ଓ ଚଡ଼କ ମେଳା, ନିର୍ମାଣ କାମ ମନ୍ଥର



ଚନ୍ଦନେଶ୍ୱର,୨୨/୨(ନି/ପ୍ର): ଆଉ କେଇଟା ଦିନ ପରେ ମହାଶିବରାତ୍ରି ଓ ବାବା ଚନ୍ଦନେଶ୍ୱର ଜିଉଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ମେଳା। ଏବେରୁ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତେବେ ମେଳା ପରିଚାଳନା ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। କାରଣ; ମନ୍ଦିର ଓ ଏହାର ବିକାଶମୂଳକ କାମ ମନ୍ଥର ଗତିରେ ଚାଲିଛି। ଶିବରାତ୍ରି ଓ ମେଳା ବେଳକୁ ସରିବା ନେଇ ସଂଦେହ ସୃଷ୍ଟି ହୋଇଛି। ଯଦି କାମ ନସରେ; ଲକ୍ଷ ଲକ୍ଷ ଭକ୍ତ କିପରି ଠାକୁରଙ୍କ ଦର୍ଶନ କରିବେ ଏବଂ ନୀତିକାନ୍ତି କିପରି ସଂପନ୍ନ ହେବ, ସେନେଇ ପ୍ରଶ୍ନ ଉଠିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱରରେ ରହିଛି ବାବା ଚନ୍ଦନେଶ୍ୱର ଜିଉଙ୍କ ମନ୍ଦିର। ଏଠାରେ ପ୍ରତିବର୍ଷ ମହାଶିବରାତ୍ରି ଓ ବିଶ୍ୱ ପ୍ରସିଦ୍ଧ ଚଡ଼କ ମେଳା ହୋଇଥାଏ। ଯେଉଁଠି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। ଏଥର ମଧ୍ୟ ଭକ୍ତଙ୍କ ବେଶ୍ ଭିଡ଼ ଜମିବ ବୋଲି ଆକଳନ କରାଯାଉଛି। ତେବେ ଶିବରାତ୍ରି ଓ ମେଳା ପରିଚାଳନା ନେଇ ଅନେକ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। କାରଣ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ଦେଇଥିବା ମୋଟ ୯ କୋଟି ୩୫ ଲକ୍ଷ ଟଙ୍କାରେ ହେଉଥିବା ବିକାଶମୂଳକ କାମ ମନ୍ଥର ଗତିରେ ଚାଲିଛି। ନୀଳ ପୋଖରୀର ପାହାଚ ନିର୍ମାଣ ଓ ଆଲୋକୀକରଣ ସହ କିଛି ସୌର୍ନ୍ଦୀକରଣ କାମ ସରିଛି। ହେଲେ ବଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାମ ସହ ମନ୍ଦିରର ଗର୍ଭଗୃହ ସୌନ୍ଦର୍ଯ୍ୟୀକରଣ, ମୁଣ୍ଡନ ପୋଖରୀରେ ପାହାଚ ନିର୍ମାଣ, ମୁଣ୍ଡନ ଗୃହ ନିର୍ମାଣ, ଭକ୍ତମାନଙ୍କ ପଦଧୁଆ ପରିସର, ପାର୍କ, ଭକ୍ତଙ୍କର ବସ୍ତ୍ର ପରିବର୍ନ୍ତନ ଗୃହ କାମ ସରିବାକୁ ଆହୁରି ବେଶ୍ କିଛିଦିନ ଲାଗିବ। ଏପରି ସମୟରେ ଚନ୍ଦନେଶ୍ୱର ମନ୍ଦିର ପରିସର ଭଗ୍ନସ୍ତୁପର ଭ୍ରମ ସୃଷ୍ଟି କରୁଛି। ଉଲ୍ଲେଖ ଥାଉକି ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ଭକ୍ତମାନେ ନୀଳ ପୋଖରୀ ହୁଡ଼ାରେ ଥିବା ନିର୍ମାଣାଧୀନ ବସ୍ତ୍ର ପରିବର୍ନ୍ତନ ଗୃହରେ ପରିସ୍ରା କରୁଛନ୍ତି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସେହିପରି ମୁଣ୍ଡନ ପୋଖରୀରୁ ପଙ୍କ ଉଦ୍ଧାର ନକରି ପୂର୍ତ୍ତ ବିଭାଗ ପାଚେରି ନିର୍ମାଣ କରୁଛି। ତେବେ ପ୍ରଶାସନର ଏପରି ମନମୁଖି ଓ ଦାୟିତ୍ୱହୀନ କାମକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପଟେ ଚନ୍ଦନେଶ୍ୱର ଭଣ୍ଡାରୀ ସେବାୟତ ଓ ସେବାୟତ ସଂଘର ସଦସ୍ୟଙ୍କ ସହ ସେବାୟତ ବୁଦ୍ଧଦେବ ପଣ୍ଡା, ଅରୁଣ ପଣ୍ଡା, ଗୌତମ ପଣ୍ଡା ପ୍ରମୁଖ ଯୁଦ୍ଧକାଳୀନ ଭିତିରେ କାମ ସାରିବାକୁ ଦାବି କରିଛନ୍ତି। ଏ ନେଇ ମନ୍ଦିର ମେରସୀ ତପନ କୁମାର ପଣ୍ଡାଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ଶୀଘ୍ର କାମ ନସରିଲେ ମହାଶିବରାତ୍ରି ଓ ଚଡ଼କ ମେଳାରେ ଭକ୍ତମାନେ ନାନା ସମସ୍ୟାରେ ପଡ଼ିବେ। କେବଳ ସେତିକି ନୁହେଁ, ମନ୍ଦିର ପରିଚାଳନା କମିଟି ଭିଡ଼ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବ। ଏପରି ସମୟରେ ଅଘଟଣ ଘଟିବାର ସମ୍ଭାବନାକୁ ମଧ ଏଡ଼ାଇ ଦିଆଯାଇପାରିବନି। ସେହିପରି ମନ୍ଦିର ପରିଚାଳନା କମିଟି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ହିମାଂଶୁ ଗିରିଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଛନ୍ତି, ପର୍ବପୂର୍ବରୁ କେମିତି ସବୁ କାମ ସରିବ, ସେ ନେଇ ବ୍ୟବସ୍ଥା କରାଯାଉଛି। ଭକ୍ତମାନଙ୍କର କୌଣସି ଅସୁବିଧା ହେବନି।

## ସିକିମ୍ ସତ୍ୱଧାରୀ ଙ୍କୁ ଭିଡ଼ିଓ କନଫରେନ୍ସ ଜରିଆରେ ପଟ୍ଟା ବଂଟନ

ଅନୁଗୁଳ,୨୨/୨(ନି/ପ୍ର):ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସି ମାଧ୍ୟମରେ ସିକିମ୍ ସତ୍ୱଧାରୀ ଭାବେ ରେକର୍ଡ ହୋଇଥିବା ଜମି ଦଖଲ କାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସତ୍ୱର ପଟ୍ଟା ପ୍ରଦାନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଅନୁଗୁଳ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୁଳ ଜିଲ୍ଲାର ବଅଁରପାଳ, ଅନୁଗୋଳ ଓ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୩୦୦ ଜଣ ସିକିମ୍ ସତ୍ୱଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯାଇଛି । ଜିଲ୍ଲାରେ ମୋଟ ୨୩୩୯ ଜଣ ସିକିମ୍ ସତ୍ୱଧାରୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୨୨୯୦ ଜଣ ବଅଁରପାଳ, ଅନୁଗୋଳ ଓ ଛେଣ୍ଡିପଦା ତହସିଲର ସତ୍ୱକାରୀ ଅଟନ୍ତି । ଏହି ସମସ୍ୟାର ସମାଧାନ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଶାସନ ସଚିବ ଶ୍ରୀ ସତ୍ୟଭୂଷଣ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ୫ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଶ୍ରୀ ଭି କେ ପାଣ୍ଡିଆନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଜିଲ୍ଲାପାଳ ମହମ୍ମଦ ଅବ୍ଦାଲ୍ ଅତର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣେନ୍ଦୁ ମହାନ୍ତି, ଅନୁଗୋଳ,ବଅଁରପାଳ ଓ ଛେଣ୍ଡିପଦା ତହସିଲଦାର, ରାଜସ୍ୱ ବିଭାଗର କର୍ମଚାରୀ, ହିତାଧୀକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଥିଲେ।

## ନକଲି ବିଦେଶୀ ମଦର ପସାର ମାଡି ବସିଲା ଅବକାରୀ, ଜଣେ ଗିରଫ



ଗୁଡଭେଲା,୨୨/୨(ନି/ପ୍ର): ତୁଷୁରା ଥାନା ଅଂଚଳରେ ଥିବା ବିଭିନ୍ନ ଚା' ପାନ ଦୋକାନ ସହ ଢାବା ଗୁଡିକରେ ବେଆଇନ ଭାବରେ ଦୀର୍ଘ ବର୍ଷ ହେଲା ନକଲି ବିଦେଶୀ ମଦ କାରବାର ଚାଲୁଥିବାର ଅଭିଯୋଗ ହେଉଥିଲା। ତୁଷୁରାରେ ନୂତନ ଭାବରେ ଅବକାରୀ ନିରୀକ୍ଷକ ଯୋଗ ଦେବା ପରେ ଜୋରସୋର ଭାବରେ ଚଢ଼ାଉ କରୁଛନ୍ତି। ଯାହା ଫଳରେ ଦୀର୍ଘ ବର୍ଷ ଧରି ବିହାରି ଢାବାର ଚାଲିଥିବା ନକଲି ବିଦେଶୀ ମଦ ବେପାର ଧରା ପଡିଛି। ଏହି ନକଲି ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ ହେଲେ ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ତୁଷୁରା ଅବକାରୀ ଥାନା ଅନ୍ତର୍ଗତ ଦେଉଳଗୁଡି ଠାରେ ଥିବା ବିହାରୀ ଢାବାରେ ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣରେ ନକଲି ବିଦେଶୀ ମଦ ଜବତ କରିଛି। ଯେଉଁଥିରେ ମଦ ତିଆରି ପାଇଁ ବ୍ୟବହାର ହେବାକୁ ଥିବା ଲେବୁଲ,ବୋତଲର ଢାଙ୍କୁଣୀ ସହ ୨୬ ଲିଟର ବାୟର ଓ ୫୪.୨୭୯ ଲିକର ମଦ ରହିଛି। କେଶ ନମ୍ବର ୨୦୮ରେ ଏକ ମାମଲା ରୁଜୁ କରି ଅରବିନ୍ଦ କୁମାର (୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ତୁଷୁରା ଓଆଇସି ସୀତାକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଖାଲି ଦେଉଳ ଗୁଡି ନୁହେଁ ତୁଷୁରା ଅଂଚଳରେ ଥିବା ଅନ୍ୟ ଢାବା ଗୁଡିକରେ ମଧ୍ୟ ନକଲି ବିଦେଶୀ ମଦ ବେପାର ଚାଲୁଛି ,ଏହା ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ତାକୁ ନେଇ ଆଲୋଚନା ଜୋର ଧରିଛି।

## ଭଦ୍ରକରେ ସିକ୍କିମ୍ ସତ୍ୱାଧାରୀଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ

ଭଦ୍ରକ,୨୨/୨(ନି/ପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାଷି ସମାରୋହାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭଦ୍ରକ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ସିକିମ ସତ୍ୱାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଏଥିପାଇଁ ଆଜି ଅପରାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ସିକିମ ଜମି ମାଲିକଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଜିଲ୍ଲାରେ ମୋଟ ୫୫୫୭ ଜଣ ସିକିମ ସତ୍ୱାଧିକାରୀ ଜମି ମାଲିକ ସ୍ଥାୟୀ ପଟ୍ଟା ପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୫୧ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ଆଜିର ସାନରୋହରେ ୭ ଜଣ ହିତାଧିକାରୀଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହି ସମାରୋହରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦୋର, ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ସନ୍ତୁନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଭଦ୍ରକ ଜିଲ୍ଲାର ସମସ୍ତ ତହସିଲଦାର ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଭଦ୍ରକରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସଭା



ଭଦ୍ରକ,୨୨/୨(ନି/ପ୍ର): ଚାଷୀ ଆନ୍ଦୋଳନରେ ମୋଦୀ ସରକାର ଦେଇଥିବା ପ୍ରତିଶ୍ରୁତିର ପ୍ରତାରଣା ଓ କୃଷକମାନଙ୍କ ଉପରେ ଅମିତ ଶାହଙ୍କ ଅଧିନରେ ଥିବା ଦିଲ୍ଲୀ ପୁଲିସର ବର୍ବରୋଚିତ ଆକ୍ରମଣ ବିରୁଦ୍ଧରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭଦ୍ରକ ବନ୍ତ ଛକ ଠାରେ ଏକ ପ୍ରତିବାଦ ସଭା ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ତଥା ଭଦ୍ରକ ଓକିଲ ସଂଘର ସଂପାଦକ ଦିବ୍ୟସିଂହ ନାୟକ, ଅଖିଳ ଭାରତ କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଅଖିଳ ଭାରତ କୃଷକ ସଭା ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, କୃଷକ ନେତା ବିଦ୍ୟାଧର ବାରିକ୍, ଏଆଇଟିୟୁସି ଜିଲ୍ଲା ସଂପାଦକ ରମେଶ ଯେନା, ଶ୍ରମିକ ନେତା ରବିନ୍ଦ୍ର ସେଠୀ, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧା ଦାସ, ଡିୱାଇଏଫ୍ଆଇ ଜିଲ୍ଲା ଆବାହକ ବିନୋଦ ସାହୁ, ଏସ୍ଏଫ୍ଆଇ ରାଜ୍ୟ ସଂପାଦକ ଷ୍ଟାଲିନ ଟିଟନ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା

ଭଦ୍ରକ,୨୨/୨(ନି/ପ୍ର) :ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା କମିଟି ଅଂଶୀଦାର ସମୂହର କର୍ମଶାଳା ବିଡିଓ ଦେବଦ ଦାସଙ୍କ ପୌରହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ ।ୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ମଞ୍ଜୁଳା ନାୟକ, ବ୍ଲକ ସାମାମଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ଉଦୟଭାନୁ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆଇନ ପ୍ରୋବାସନାରୀ ଅଧିକାରୀ ସୁବ୍ରତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାରର ବିଭିନ୍ନ ଦିଗ, ସମସ୍ୟା ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଟକସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂଯୋଗ' ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ପ ।ୟତର ସରପ , ପ୍ର ।ୟତରାଜ ପ୍ରତିନିଧି, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟ, ସମନ୍ୱିତ ଶିଶୁ ବିକାଶ ବିଭାଗ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଶ୍ରୀବାଦ ଯୋଜନାରେ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଂଯୋଗ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପାଲଟାସିଂ ଶିଶୁସୁରକ୍ଷା କର୍ମଶାଳାର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସରପ ଅମୂଲ୍ୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ସୁଦର୍ଶନ ବାତ୍ରା, ଚିନ୍ମୟ ପଣ୍ଡା, ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ, ରୂପାଲି ମହାନ୍ତି, ରିଙ୍କୁ ବିଶ୍ୱାଳ, ବିକାଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## କୋଟିପତି ନିଶା ବେପାରୀ ଲଗାମଛଡ଼ା, ପଡ଼ିବ କି ଭିଜିଲାନ୍ସ ଓ ଆୟକର ଛାଟ



ଜଳେଶ୍ୱର,୨୨/୨(ନି/ପ୍ର): ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଥିବା ଜଳେଶ୍ୱରରେ ବ୍ରାଉନ୍ସୁଗାର, ଗଞ୍ଜେଇ, ମାଦକ ଦ୍ରବ୍ୟ କାରବାର କରି ରାତାରାତି କୋଟିପତି ପାଲଟି ଯାଉଛନ୍ତି ନିଶା ମାଫିଆ। କିଛି ଘରୋଇ ବ୍ୟାଙ୍କରେ ସଂଚୟ ଖାତା ଖୋଲି ସେଥିରେ କୋଟି କୋଟି ଟଙ୍କାର କାରବାର କରୁଛନ୍ତି। ନୂଆ ଆକାଉଂଟ ବି ଖୋଲାଯାଉଛି। ଯେଉଁ ଟଙ୍କାରେ ନିଶା ମାଫିଆଙ୍କ ଘରର ମହିଳାମାନେ ୧୫ ଦିନକୁ ଥରେ ବିଭିନ୍ନ ଅଳଙ୍କାର ଦୋକାନକୁ ଯାଉଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କାର ଗହଣା କିଣୁଛନ୍ତି। ଖାଲି ଗହଣା ନୁହେଁ, ସମସ୍ତଙ୍କ ଘରେ ବହୁ ମୂଲ୍ୟବାନ ଜିନିଷ, ବାଇକ୍ ଓ ଚାରିଚକିଆ ଯାନ ବି ଅଛି। ଜଳେଶ୍ୱର ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବଂ ରାଜ୍ୟ ବାହାରେ ମୂଲ୍ୟବାନ ଜମି କିଣୁଛନ୍ତି। କିଛି ବର୍ଷ ତଳେ ଜଳେଶ୍ୱରର ଯେଉଁ ଜମିଗୁଡ଼ିକର ମୂଲ୍ୟ ଡେସିମିଲ୍ ୩୦ରୁ ୫୦ ହଜାର ଟଙ୍କା ମଧ୍ୟରେ ଥିଲା, ଏବେ ସେହି ଜମିଗୁଡ଼ିକର ମୂଲ୍ୟ ନିଶା ମାଫିଆଙ୍କ ପାଇଁ ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ପାଇଲାଣି। ଯେଉଁମାନେ ଦିନେ ମାଟିକାନ୍ଥ ଓ ଆଜବେଷ୍ଟସ୍ ଛପର ଘରେ ରହୁଥିଲେ, ଏବେ ସେମାନେ ୩/୪ ମହଲା କୋଠାଘରେ ରହୁଛନ୍ତି। ନିଶା ମାଫିଆମାନଙ୍କ ଏପରି ବିଳାସପୂର୍ଣ୍ଣ ଜୀବନଯାପନକୁ ନେଇ ନାନା ପ୍ରଶ୍ନ ଛିଡ଼ା ହୋଇଛି। ଘରୋଇ ବ୍ୟାଙ୍କରେ ନିର୍ଦ୍ଦିଷ୍ଟ ସୀମା ଯାଏ ଟଙ୍କା କାରବାର ନିୟମ ଥିବା ବେଳେ ମାଫିଆମାନେ ମନଇଚ୍ଛା କେମିତି କାରବାର କରୁଛନ୍ତି ଏପରି ସମୟରେ କିଛି ବୁଦ୍ଧିଜୀବୀ ନିଶା ମାଫିଆ ଓ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଅର୍ଥନୈତିକ କାରବାର ଚାଲିଥିବା ଅଭିଯୋଗ ଆଣିଛନ୍ତି। ଏହାସହିତ ସେମାନେ ନିଶା ମାଫିଆଙ୍କୁ ସାବାଡ଼ କରିବା ପାଇଁ ଭିଜିଲାନ୍ସ ବିଭାଗ ଏବଂ ଆୟକର ବିଭାଗ ଆଇନକାନୁନର ଛାଟ ପକାଉ ବୋଲି ଦାବି କରୁଛନ୍ତି।

# ବିବିଧା






## ଅର୍ଥହୀନ ଶବ୍ଦର ସଂଯୋଗ



ପରଦା ପଛର କାହାଣୀ

## 'ମେରି ସପନୋ କି ରାନୀ' ଗୀତରେ ଶର୍ମିଳା ଧରିଥିଲେ ଏହି ପୁସ୍ତକ



## ପ୍ରୀତିଙ୍କ ଲେଉଟାଣି



## କିଆରାଙ୍କ ସହ ରଣବୀରଙ୍କ ରୋମାନ୍ସ



## ଫିଲ୍ମ ସେଟ୍ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ



ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୨୩ ଫେବୃଆରୀ ୨୦୨୪

# ବିଦେଶୀ ଅନୁଦାନ ଓ ଲଗାମ୍

ଭାରତରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ- ଏଫ୍‌ସିଆର୍‌ଏ । ସମାଜର ତୃଣମୂଳ ସ୍ତରରେ ଜନକଲ୍ୟାଣମୂଳକ କାର୍ଯ୍ୟ କରୁଥିବା ଗ୍ରହଣ କରୁଥିବା କେତେକ ଏନ୍‌ଜିଓ (ଅଣସରକାରୀ/ ସ୍ୱେଚ୍ଛାସେବୀ ଅନୁଷ୍ଠାନ) ବିଦେଶର ବିଭିନ୍ନ ରାଷ୍ଟ୍ରରୁ ଏହି ଉଦ୍ଦେଶ୍ୟରେ ଗ୍ରହଣ କରୁଥିବା ଅର୍ଥ ଏବଂ ଏହାର ଉପଯୋଗକୁ ନେଇ ବିଭିନ୍ନ ସମୟରେ ଆଲୋଚନା, ସମାଲୋଚନା ଇତ୍ୟାଦି ହୋଇଥାଏ ଯେଉଁଥିଇଁ ୧୯୭୬ରୁ ଏହା ଆରମ୍ଭ ହେବା ପରଠାରୁ ଭିନ୍ନ ଭିନ୍ନ ସମୟରେ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଭିନ୍ନ ଆଇନ କାନୁନ୍ ପ୍ରଣୟନ କରାଯାଇ ଆସିଛି । ପରିଣତିରେ ଭାରତ ଅନେକ କ୍ଷେତ୍ରରେ ବିଦେଶୀ ଅନୁଦାନ ଗ୍ରହଣକୁ କୋହଳ ଭାବରେ ଉନ୍ମୁକ୍ତ କରିଥିବା ବେଳେ ଏଫ୍‌ସିଆର୍‌ଏ ଅଧୀନରେ ଅନୁଦାନ ଗ୍ରହଣ କରିବା ବେଳକୁ ବେଳ କଠିନ ହୋଇଛି । ଆଉ ଏବେ ଏଇ କଠିନ ପଦ୍ଧତିରେ ଯୋଡ଼ି ହେବାକୁ ଯାଉଛି ନୂଆ ଏକ ଫର୍ଦ୍ଦ । କାରଣ, ସୋମବାର ଦିନ ବିନା ବିତର୍କରେ ଲୋକସଭାରେ ପାରିତ ହୋଇ ଯାଇଛି ଏନ୍‌ଜିଓମାନଙ୍କ ସମ୍ପର୍କିତ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧିତ (ଏଫ୍‌ସିଆର୍‌ଏ) ବିଲ୍ ୨୦୨୦, ଯାହାକୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କୁହାଯାଇପାରେ । ଭାରତରେ ହାରାହାରି ତିନି ମିଲିଅନ୍ ଏନ୍‌ଜିଓ ରହିଛନ୍ତି । ଏମାନେ ନାଗରିକ ସମାଜର ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି କୁହାଯାଇପାରେ । ଏମିତି ନୁହେଁ ଯେ ଏମାନେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ । ବରଂ ଅନେକ ସମୟରେ, ବସ୍ତୁତଃ ପ୍ରାୟ ପ୍ରତ୍ୟେକ ସମୟରେ ପ୍ରତିକୂଳ ପରିସ୍ଥିତିରେ ଏମାନଙ୍କୁ ସମାଜର ଉନ୍ନତି ନିମନ୍ତେ କାମ କରିବାକୁ ପଡ଼ିଥାଏ । ତୃଣମୂଳ ସ୍ତରରେ ଯେଉଁଠି ପ୍ରାୟତଃ ସରକାରୀ କଳର ଆଦୌ ଉପସ୍ଥିତି ନଥାଏ, ସେଠାରେ ଏମାନେ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟରେ ପରିଣତ କରିଥାନ୍ତି, ସେସବୁର ସଠିକ୍ ରୂପାୟନ ହେବା ଉପରେ କଡ଼ା ନଜର ରଖିଥାନ୍ତି । ସେମାନେ ମଧ୍ୟ ସମାଜର ଦଳିତ, ଅବହେଳିତ ବର୍ଗ ଏବଂ ସାମାଜିକ ଆନ୍ଦୋଳନଗୁଡ଼ିକ ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥାନ୍ତି ଯାହା ସରକାରଙ୍କୁ ଲୋକମାନଙ୍କର ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ସହିତ ସରକାରଙ୍କର ଏଇ ଦୃଷ୍ଟିରୁ ସୁରକ୍ଷା କବଚ ପାଲଟି ଥାଆନ୍ତି ଯେ ଜନଅସନ୍ତୋଷ ଦାନା ବାନ୍ଧି ସରକାରଙ୍କ ବିରୋଧରେ ବିଦ୍ରୋହର ରୂ ନେଇ ନଥାଏ । ଅନ୍ୟଥା ବର୍ତ୍ତମାନ ସମୟରେ ସରକାରଙ୍କୁ ହୁଏତ ପ୍ରତି ଦିନ କୌଣସି ନା କୌଣସି ଶୋଭାଯାତ୍ରା, ଆନ୍ଦୋଳନ ଇତ୍ୟାଦି ପ୍ରତ୍ୟକ୍ଷ କରିବାକୁ ପଡୁଥାନ୍ତା । ଅନେକ ବର୍ଷ ଧରି ଏନ୍‌ଜିଓମାନେ ଅତି ସାମାନ୍ୟ ବା ଅନିୟନ୍ତ୍ରିତ ଭାବରେ କାମ କରି ଆସୁଥିଲେ । ଆତ୍ମଘୋଷିତ ସମିତିମାନଙ୍କ ପାଇଁ ପଞ୍ଜୀକୃତ ହେବା ଆବଶ୍ୟକ ହେଉ ନଥିଲା ଏବଂ ଟ୍ରଷ୍ଟ୍ ଓ ଧାର୍ମିକ ସଂଗଠନଗୁଡ଼ିକ ସ୍ୱଚ୍ଛତା ଏବଂ ଆର୍ଥିକ ଯା ଁ ବିନା କାମ କରୁଥିଲେ । ଧୀରେ ଧୀରେ ସେମାନଙ୍କୁ ନିୟନ୍ତ୍ରିତ କରାଯିବାର ପ୍ରକ୍ରିୟା ଆରମ୍ଭ ହେଲା । ସାଧାରଣ ବ୍ୟବସାୟିକ ପ୍ରତିଷ୍ଠାନ ଭଳି ଅଣ-ଲାଭକାରୀ କମ୍ପାନୀ ଧାରା ୨୫କୁ ଏନ୍‌ଜିଓମାନଙ୍କର ଆର୍ଥିକ କାରବାର ଏବଂ ପରିଚାଳନା ସହିତ ଯୋଡ଼ାଯିବା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଥିଲା । ସମ୍ପ୍ରତି ଲୋକସଭାରେ ପାରିତ ହୋଇଥିବା ବିଲ୍‌ଟି ଏହାଠାରୁ ଆଉ ପାଦେ ଆଗକୁ ଯିବା ଆଶା କରାଯାଉଥିଲା ଏବଂ ତାହା ଉଚିତ ମଧ୍ୟ ହୋଇଥାନ୍ତା । କିନ୍ତୁ ତା' ପରିବର୍ତ୍ତେ ସଂଶୋଧିତ ବିଲ୍‌ଟି ଏନ୍‌ଜିଓମାନଙ୍କ ନିକଟକୁ ଆସୁଥିବା ବିଦେଶୀ ପାଣ୍ଠିକୁ ଅବରୁଦ୍ଧ କରିବାକୁ ଆଗେଇ ଆସିଛି । ଏଥିରେ ସନ୍ଦେହ ନାହିଁ ଯେ ବିଦେଶୀ ହେଉ କି ସ୍ୱଦେଶୀ ହେଉ ପାଣ୍ଠିର ଉତ୍ସ ଏବଂ ବିନିଯୋଗ ସମ୍ପର୍କରେ ଏନ୍‌ଜିଓମାନେ ସ୍ୱଚ୍ଛତା ଅବଲମ୍ବନ କରିବା ସପକ୍ଷରେ ସମସ୍ତେ କହିବେ ଏବଂ ତାହା କାମନା କରିବେ ମଧ୍ୟ । କିନ୍ତୁ ଏହି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରଯିବା ଏବଂ ଏହା ଯା ଁ କରିବା ନାମରେ ଅମଲାତନ୍ତ୍ରକୁ ହସ୍ତକ୍ଷେପ କରିବା ସହିତ ଉତ୍ପୀଡ଼ନ ଦେବା ଭିତରେ ଏକ ସୂକ୍ଷ୍ମ ରେଖା ରହିଛି । ସାମ୍ପ୍ରତିକ ବିଲ୍‌ର ଅଧିକାଂଶ ଅଂଶ ଏହି ରେଖାକୁ ଅତିକ୍ରମ କରି ଏନ୍‌ଜିଓମାନଙ୍କୁ ଲାଇସେନ୍ସ ରାଜ୍‌ର ପରିସର ଭିତରକୁ ଟାଣି ନେଇଥିବା ମନେହୁଏ । ଏହା ସମସ୍ତେ ଜାଣନ୍ତି ଯେ ସମସ୍ତ ଏନ୍‌ଜିଓ ଗୋଟିଏ ବର୍ଗର ନୁହନ୍ତି; ସେମାନଙ୍କ କାର୍ଯ୍ୟ ଭିନ୍ନିରେ ଏଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାନ୍ତି । ତେଣୁ ଏମାନଙ୍କ ସମ୍ବନ୍ଧରେ କୌଣସି ନିୟମ କାନୁନ୍ କରିବା ସମୟରେ ସେସବୁ ଏମାନଙ୍କର ମୌଳିକ ନୀତି ଏବଂ ଆବଶ୍ୟକତା ସମ୍ବନ୍ଧୀୟ ହେବା ଉଚିତ । କିନ୍ତୁ ବର୍ତ୍ତମାନର ବିଲ୍‌ଟି ଏମାନଙ୍କର ଅଣୁସ୍ତରୀୟ ପରିଚାଳନା ଉପରେ ପ୍ରଶ୍ନ ଉଠାଇଛି । ଯେପରିକି ଏହା ନିଜର ପ୍ରଶାସନିକ ବ୍ୟୟ ବାବଦକୁ କେତେ ଖର୍ଚ୍ଚ କରିଛି, ସେ ସମ୍ପର୍କରେ ଏକ ଏନ୍‌ଜିଓ ଜଣାଇବା ଆବଶ୍ୟକ ହୋଇପାରେ, କିନ୍ତୁ ବ୍ୟୟର ସ୍ତର ସରକାରଙ୍କର ଜାଣିବା ନିହାତି ଦରକାର ହେବା ଉଚିତ ନୁହେଁ । ସେହିରି ଏନ୍‌ଜିଓ ଏନ୍‌ଜିଓ ମଧ୍ୟରେ ଅର୍ଥ ଦେଣନେଣ ଉପରେ କଟକଣା ଜାରି କରିବା ଏନ୍‌ଜିଓମାନଙ୍କ ସ୍ୱାଧୀନତା ଏବଂ କର୍ମ ଦକ୍ଷତା ଉପରେ ପ୍ରଭାବ ପକାଇବ, କାରଣ ଅନେକ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବା ଅପରେଟିଂ ଏନ୍‌ଜିଓମାନଙ୍କ ଦ୍ୱାରା କାର୍ଯ୍ୟ କରାଇଥାନ୍ତି ଯେଉଁଥିଇଁ ସେମାନଙ୍କୁ ଅର୍ଥ ପ୍ରଦାନ କରିଥାନ୍ତି । ତେଣୁ ଏପରି କାରବାର ଉପରେ କଟକଣା ଜାରି କରାଯିବା କାର୍ଯ୍ୟଧାରା ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ସେହିରି ଏଭଳି କାରବାର ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ୍ ଜରିଆରେ କରାଯିବାକୁ ନିର୍ଦ୍ଧାରିତ କରିବା ପଛରେ କୌଣସି ତାର୍କିକ କାରଣ ଥିବା ଭଳି ମନେହୁଏ ନାହିଁ । ସମ୍ଭବତଃ ସରକାରଙ୍କ ମନରେ ଧାରଣାଟିଏ ସୃଷ୍ଟି ହୋଇଛି ଯେ ବିଦେଶୀ- ପାଣ୍ଠରି ଦ୍ୱାରା ପରିଚାଳିତ ଏନ୍‌ଜିଓଗୁଡ଼ିକ ଦେଶ ପାଇଁ ବିଦ । ଏପରି ହେବାର ସମ୍ଭାବନା କ୍ଷୀଣ । ଅତୀତରେ କେତେକ ଏନ୍‌ଜିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଛି; କେତେକଙ୍କୁ କଳା ତାଲିକାଭୁକ୍ତ କରାଯାଇଛି । ୨୦୧୧ରୁ ୨୦୧୯ ମଧ୍ୟରେ ଅନୁଦାନ ଗ୍ରହଣକାରୀ ଅନୁଷ୍ଠାନଗୁଡ଼ିକଙ୍କ ମଧ୍ୟରୁ ୧୯ ହଜାର ଅନୁଷ୍ଠାନଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଥିଲା । ଏସବୁରୁ ଜଣାପଡ଼େ ଯେ ପ୍ରଚଳିତ ଆଇନ ଅନୁସାରେ ସରକାରମାନେ ଏନ୍‌ଜିଓମାନଙ୍କୁ ଆସୁଥିବା ବିଦେଶୀ ଅନୁଦାନ ଉପରେ ତୀକ୍ଷ୍ଣ ନଜର ରଖି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସିଛନ୍ତି । ତେଣୁ କିଛି ବୁଦ୍ଧିଜୀବୀ ଏହା ପଛରେ ରାଜନୀତିକ ପ୍ରତିଶୋଧ ପରାୟଣତା ରହି ଥିବାର ବାସ୍ନା ବାରୁଛନ୍ତି ।

# ଭ୍ରାମ୍ୟମାଣ ତାଜାପଣ



'ସେ ପିଉଛି କି ?' ବୋଲି ଯଦି କେହି ପଚାରିବା ଆପଣ ଶୁଣିଲେ ତ' ଜାଣି ଯାଆନ୍ତୁ ଯେ ସେ ମଦ ପିଏ କି ନା; ତାହା ଜାଣିବାର ମହାନ ଉଦ୍ଦେଶ୍ୟରେ ହିଁ ଏଇ ପ୍ରଶ୍ନଟି ପଚରାଯାଇଥାଏ । ସତ କଥା, ଏବେ ପିଇବାର ଅର୍ଥ ହେଲୋ 'ମଦ' ପିଇବା ! କିନ୍ତୁ ମଉଜିଆ ସତ୍ୟେନ୍ଦୁ ବର୍ଷର ବିଭିନ୍ନ ସମୟରେ ବେଳେ ବେଳେ ପଇଡ଼, ପଣା, ଆଖୁରସ, ଫଳରସ, ଲସି, ସୋଡା, ସରବତାଦି ସମେତ ପ୍ରତି ଦିନ ଅନବରତ ଚା' ପାନ କରୁଥିବାରୁ କେହି ତାକୁ ଏଭଳି ପ୍ରଶ୍ନ କଲେ ସେ ପ୍ରାୟତଃ କହି ଉଠେ : 'ହଁ, ମୁଁ ପିଏ; ମାନେ ଚା'! ଏବଂ ମୋର ଯେତେବେଳେ ଇଚ୍ଛା, ସେତେବେଳେ ପିଏ !' ସତ୍ୟେନ୍ଦୁର ମନେ ପଡ଼େ ଯେ ତା'ର ଏହି ମହାର୍ଘ ପାନୀୟର ଅଭ୍ୟାସଟି ତା' ମହୀୟସୀ ବୋଉଙ୍କ କୃପାରୁ ହିଁ ଆରମ୍ଭ ହୋଇଥିଲା । ପିଲା ଦିନେ ତା'ର ଅଭ୍ୟାସ ଥିଲା ଯେ ରାତିରେ ସଅଳ ଶୋଇ ପାହାନ୍ତାରୁ ଉଠିବ । କିନ୍ତୁ, ମାଟ୍ରିକ ପରୀକ୍ଷା ଆଗରୁ କ'ଣ ହେଲା କେଜାଣି ଅଭ୍ୟାସଟି ବଦଳି ଗଲା । ଏଣିକି ଡେରି ରାତି ଯାଏ ଚେଇଁ ପଢ଼ାପଢ଼ି କଲା, କେଇ ଘଟାଂ ଶୋଇ ପୁଣି ପାହାନ୍ତାରୁ ଉଠି ପଢ଼ାପଢ଼ିରେ ଲାଗିଲା । ଏହା ଦେଖନ୍ତେ ତା' ବୋଉ ସେ ଉଠିବା ଆଗରୁ ଉଠିପଡ଼ି ଚା' ତିଆରି କରି କପେ ଗରମ ଚା' ପୁଅ ହାତରେ ଧରାଇ ଦେଉଥିଲେ । ଓଃ, ଚା' ତ ନୁହଁ, ପିଆଲାଏ ଅମୃତ ! ସତ୍ୟେନ୍ଦୁର ଚା' ପିଆ ଅଭ୍ୟାସ ତା' ପରେ ଯେଉଁ ରୂପ ନେଲା, ସେଥିରେ ଦିନ ହେଉ ଅବା ରାତି, ଯେ କୌଣସି ସମୟରେ ଚା' ଯଚା ହେଲେ ବିନା ବାଧାରେ ସେ ତାକୁ ଗଳାଧଃକରଣ କରୁଥିଲା । ପରିସ୍ଥିତି ଏମିତି ହେଲା ଯେ ଚା' କଥା ମନେ ପଡ଼ିଗଲେ ହିଁ କପେ ନ ପିଇବା ପର୍ଯ୍ୟନ୍ତ ତା' ମୁଣ୍ଡ ଝିମିଝିମି କରୁଥିଲା ଓ ସଂସାର ଛିଃ ଲାଗି ଯାଉଥିଲା । ତା' ଲାଗି 'ଏନି ଟାଇମ୍' ହୋଇଗଲା 'ଟି ଟାଇମ୍' । ଗୁଡ଼ାଏ ବର୍ଷ ବାହାରେ ବିତାଇବା ପରେ ଏବେ ସେ ଆସିଛି ନିଜ ସହରରେ ଥିବା ତା' ବ୍ୟାଙ୍କର ମୁଖ୍ୟ ଶାଖାକୁ । ଶାଖାର ମ୍ୟାନେଜର ସେ । ହେଲେ ଦେଖୁଛି ଚା'ର ଘୋର ଅଭାବ । ଯେତେବେଳେ ଚାହିଁଲେ ଓ ଯେତେ ଇଚ୍ଛା ଚାହିଁଲେ ଚା' ନାହିଁ ! ଏଇ ଭିତରେ ତା' ସହରରେ ଚା' ଷ୍ଟଲ ସଂଖ୍ୟା କମି ଯାଇଛି ! ଚା' ଦୋକାନ ଥିବା ଜାଗାଗୁଡ଼ିକରେ ଅନ୍ୟ କୋଉ ଦୋକାନ ଖୋଲିଯାଇଛି ! ପୁଣି ଦିନରାତି ଚବିଶ ଘଟାଂ ଚାଲୁଥିବା ଷ୍ଟଲ୍ ? ତ ନାହିଁ କହିଲେ ଚଳେ ! ଦିନେ ଏହି କଥାଟି ସତ୍ୟେନ୍ଦୁ କହି ପକାଇଲା ତା' ବ୍ୟାଙ୍କର ସବୁଠୁ ସିନିଅର୍ ଦଫତରୀ ଗୋପାଳ ରାଜୁକୁ । ଏହା ଶୁଣୁଶୁଣୁ ମୁହଁ ଉଜ୍ଜ୍ୱଳ କରି ଗୋପାଳ କହି ଉଠିଲା : ଓଃ ସାର ଆପଣ ତାହା ହେଲେ ଜାଣି ନାହାନ୍ତି ଆମ ଗଣି ନନାଙ୍କୁ ! ହେଲେ, ଗଣି ନନା କିଏ ? ପ୍ରଶ୍ନଟି ଶୁଣି ଗୋପାଳ କିଛି ନ କହି ତା' ମୋବାଇଲରେ କଲ୍ ଲଗାଇଲା ଓ କହିଲା, ସା ? ଦଶ ମିନିଟ ଅପେକ୍ଷା କରନ୍ତୁ, ସବୁ ଜାଣିଯିବେ । ଗୋପାଳର ମୁହଁରେ ଫୁଟି ଉଠୁଥିଲା ଆତ୍ମସନ୍ତୋଷର ହସ । ଠିକ୍ ? ଦଶ ବାର ମିନିଟ ପରେ ଚାମ୍ବରକୁ ପଶି ଆସିଲେ ଜଣେ ମଧ୍ୟ-ବୟସ୍କ ଲମ୍ବା ଲୋକ । ହାତରେ ଗୋଟେ ଦଶ ଲିଟରିଆ ଚା' କଣ୍ଟେନର ପେପର ଗ୍ଲାସରେ ବାମ୍ଫ ଉଠା ଚା' ଢାଳି ସେ ସତ୍ୟେନ୍ଦୁକୁ ଧରାଇଦେଲେ । ସତ୍ୟେନ୍ଦୁ ତାଙ୍କ ଅଳ୍ପ ମିଠା କଡ଼ା ଚା' ପିଇ ସାରି ସତେଜ ହୋଇଗଲା । ତେବେ କିଏ ଏହି ଗଣି ନନା ? ଗୋପାଳ ଉପକ୍ରମଣିକା କହିଲା, 'ନନାଙ୍କ ଘର ପାଖ ଗାଁରେ । ସେ ଗୋଟିଏ ଚିନି କଳରେ ଥିବା କ୍ୟାଣ୍ଟିନ ଚଳାଉଥିଲେ । ସେ ଚିନି କଳ ବନ୍ଦ ହୋଇଗଲାରୁ କ୍ୟାଣ୍ଟିନ ବନ୍ଦ । ତେବେ ସେ କେ ?ଣସିମତେ ଝିଅ ବାହାଘର କରି ଦେଲେ । ପୁଅ ବି ପାଠ ପଢ଼ି ବାହାସାହା ହୋଇ ମଣିଷ ହୋଇଯାଇଛି । ଚାକିରି କରିଛି ହାଇଦ୍ରାବାଦରେ । ଏବେ ନନାଙ୍କ ହାତରେ ବହୁତ ସମୟ । ଗାଁରେ ଚାଷ ଜମି କିଛି ଅଛି । ତେଣୁ ବଳକା ସମୟରେ ନନା ଏ କାରବାରଟି ଆରମ୍ଭ କଲେ ।' ଗୋପାଳ ମୁହଁରୁ ତାଙ୍କ ବିଷୟରେ ଏ ସବୁ ଶୁଣି ମନେ ମନେ ପ୍ରସନ୍ନ ହେଉଥିଲେ ଗଣି ନନା । ଏବେ ସେ କହିଲେ- ସାର, ମୁଣ୍ଡ ଖଟାଇ ଭାବିଲି ଯେ ଚା' ପିଉଥିବା ଲୋକକୁ ଚା' ଲାଗିଲେ ସେ ଦୋକାନ ଖୋଜିବାକୁ ବାଧ୍ୟ । ଶୋଷ ଲାଗିଲେ ମଣିଷ ତ କୂଅ ପାଖକୁ ଯିବ । ମୁଁ କିନ୍ତୁ ଭାବିଲି ଯେ କୂଅ ଯଦି ଶୋଷିଲା ପାଖରେ ପହଞ୍ଚେ, ତେବେ ସେଇଠୁ ଆରମ୍ଭ ହେଲା ମୋ ସାଇକେଲରେ ଭ୍ରାମ୍ୟମାଣ ଚା' ଦୋକାନ । ଯେଉଁ ଛକରେ ଛିଡ଼ା ହେଲି ଚା' ବିକିଲି । ଲୋକେ ରାସ୍ତାରେ ଅଟକାଇ ଚା' ପିଇଲେ । ସେମାନଙ୍କ ଭିତରୁ କେହି କେହି ମୋ ମୋବାଇଲ ନମ୍ବର ନେଲେ ଓ ମୋତେ ଚା' ଲାଗି ଡାକିଲେ । ଏମିତି ବେପାର ବଢ଼ିଲା । ଖାଲି ଚାର'ରୁ ଯେତିକି ପଇସା ହେଉଛି ସେତିକି ?ର ଆମେ ଦୁଇ ପ୍ରାଣୀ ଚଳିବାରେ କିଛି ଅସୁବିଧା ହେଉନି । ନନାଙ୍କ କଥାକୁ ମନକର୍ଣ୍ଣ ଦେଇ ଶୁଣୁଥିବା ସତ୍ୟେନ୍ଦୁ ଏଥର ପଚାରିଲା : ଏମିତି କ'ଣ ଦିନ ସାରା ବେପାର ଚାଲେ 'ହଁ ସା ? ଚାଲିଛି ତ ! ଲୋଡ଼ା ପଡ଼ିଲେ ରାତିରେ ବି !', କହିଲେ ଗଣି ନନା । – 'ହେଇ ତ ସାର ଏବେ କିଛି ଦିନ ହେଲାଣି ଗୋଟେ ଘରର ଆଈ ଓ ନାତିଙ୍କୁ ପାହାନ୍ତାରୁ ଉଠେଇ ବେଡ୍ ? ଟି ଦେଉଛି ! ଆଈଙ୍କ ପିଲାଏ ସବୁ ବାହାରେ । ଏବେ ସଂପର୍କୀୟ ନାତି ଟୋକା ପାଖରେ ରହି ମାଟ୍ରିକ ପରୀକ୍ଷା ଲାଗି ପଢୁଚି । ଦିନେ ଆଈ ମା' କୋଉଠୁ କେଜାଣି ମୋ ନମ୍ବର ପାଇ ଫୋନ୍ କଲେ ଓ କହିଲେ- ପୁଅ, ଛୁଆଟା ସାରା ରାତି ପଢୁଛି । ତା' ଲାଗି ଭୋ ?ରୁ ଚା' ଦରକାର । ଆଣି ଦବୁ ତ ! ତାକୁ ଟିକେ ତାଜା ଲାଗିବ ! ସେଇ ଦିନଠୁ ମୁଁ ପାହାନ୍ତାରୁ ନିତି ଯାଇ କଲିଂ ବେଲ୍ ଟିପି ଗରମାଗରମ ଚା' ଦେଇ ଆସୁଛି ! ଗଣି ନନାଙ୍କ କଥା ଶୁଣିବା ଭିତରେ ସତେ ଅବା ନିଜ ଅତୀତରେ ବୁଡ଼ି ଯାଇଥିଲା ସତ୍ୟେନ୍ଦୁ । ଚା' ପିଇବା ଓ ଚା' ଦେବା ଭିତରେ କି ଅଦ୍ଭୁତ ସଂପର୍କଟିଏ ଗଢ଼ି ଉଠି ନ ଥାଏ ସତେ ସେ କହି ଉଠିଲା, 'ଚା' ଲୋଡୁଥିବା ବେଳେ ଏବଂ ତାହା ପାଉ ନ ଥିବା ସମୟରେ ତୁମେ ଚା' ପିଆଇ ଦେଇ ଯାହା କରୁଛ, ଗଣି ନନା, ସେଥିରେ ତୁମେ ମୋ ଭଳି ଅନେକଙ୍କ ସକାଶେ ଆତ୍ମୀୟଙ୍କ ଠୁ ବି ବଳି ! ତୁମ ହାତ ତିଆରି ଚା' ଅମୃତୋପମ । ତା' ସହିତ ତୁମ ସହ ସଦା ଭ୍ରାମ୍ୟମାଣ ଏକ ଅପୂର୍ବ ତାଜାପଣ !' ଗଣି ନନାଙ୍କୁ ଉଚ୍ଛ୍ୱସିତ ହୋଇ ଏତିକି କହିଲା ବେଳେ ସତ୍ୟେନ୍ଦୁର ମନେ ପଡ଼ିଯାଉଥିଲା ଦୂର ଅତୀତର ଅଳସ ପାହାନ୍ତାରେ ବାଷ୍ପାୟିତ ଚା' କପ୍ ହାତରେ ଧରି ଛିଡ଼ା ହୋଇଥିବା ବୋଉଙ୍କ ଚେହେରା । ମନେ ମନେ ସେ କହି ଉଠିଲା 'ଜୀତେ ରହୋ ଗଣି ନନା !'

# ବିକଶିତ ଭାରତ



ପୃଥିବୀର ବୃହତମ ଗଣତନ୍ତ୍ର ଭାରତ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ରୂପେ ଆବିର୍ଭୂତ ହୋଇଛି । ଭାରତରେ ପରିଦୃଷ୍ଟ ରାଜନୈତିକ ସ୍ଥିରତା, ଆଇନର ଶାସନ ସହିତ ମିଶି ରହିଛି ଏକ ବିଶାଳ ଶିକ୍ଷିତ ଯୁବ ଶ୍ରମଶକ୍ତି, ନୂତନ ଡିଜିଟାଲ୍ ଟେକ୍ ?ନୋଲୋଜି କ୍ଷେତ୍ରରେ ନେତୃସ୍ଥାନୀୟ ଅଗ୍ରଗତି ଓ ଏକ ବିଶାଳ ଆଭ୍ୟନ୍ତରୀଣ ବଜାର । ନିକଟ ଭବିଷ୍ୟତରେ ତେଣୁ ଭାରତ ତା'ର ଏହି ସମସ୍ତ ଅନ୍ତର୍ନିହିତ ଶକ୍ତି ବଳରେ ଏକ ବିକଶିତ ଅର୍ଥନୀତିରେ ପରିଣତ ହୋଇ ଆନ୍ତର୍ଜାତିକ ଅର୍ଥନେ ?ତିକ ପ୍ରତିଯୋଗିତାରେ ଯେ ବିଜୟ ଲାଭ କରିବାକୁ ଯାଉଛି, ବ୍ରିଟେନ୍ ଓ ଜାପାନ୍ ?ର ଦୁରବସ୍ଥା ହେଉଛି ତା'ର ପୂର୍ବାଭାଷ ।ସଦ୍ୟ ପ୍ରକାଶିତ ସୂଚନା ଅନୁସାରେ ପୃଥିବୀର ଦୁଇଟି ଅଗ୍ରଣୀ ଅର୍ଥନୀତି, ଜାପାନ୍ ଓ ବ୍ରିଟେନ୍ ଏବେ ଏକ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସମସ୍ୟାଟିର ନାମ ହେଉଛି- ଅପସରଣ ବା 'ରିସେସନ୍' । ଯେତେବେଳେ ଲାଗ ଲାଗ ବର୍ଷର ଦୁଇ ଚଉଠ ଧରି ଏକ ଦେଶର ମୋଟ ଜାତୀୟ ଉତ୍ପାଦ ବା 'ଜିଡିପି'ରେ ସଂକୋଚନ ଘଟିବା ଦେଖା ଯାଇଥାଏ, ସେତେବେଳେ ସେ ଦେଶର ଅର୍ଥନୀତି ଅପସରଣ କବଳରେ ପଡ଼ିଲା ବୋଲି ବିପଦ ସଙ୍କେତ ମିଳିଥାଏ । ୨୦୨୩ର ଚତୁର୍ଥ ତଥା ଶେଷ ଚଉଠରେ ବ୍ରିଟେନ୍ ?ର 'ଜିଡିପି'ରେ ୦.୩ ଶତାଂଶ ସଂକୋଚନ ଘଟିଛି ବୋଲି ପ୍ରକାଶ ପାଇଥିବା ବେଳେ ଏହାର ପୂର୍ବବର୍ତ୍ତୀ ଚଉଠ ଅର୍ଥାତ୍ ତୃତୀୟ ଚଉଠରେ ମଧ୍ୟ 'ଜିଡିପି'ରେ ୦.୧ ଶତାଂଶ ସଂକୋଚନ ଘଟିଥିଲା । ସେହିପରି ଗତ ବର୍ଷର ଶେଷ ତିନି ମାସରେ ଜାପାନ୍ ?ର 'ଜିଡିପି'ରେ ୦.୪ ଶତାଂଶ ହ୍ରାସ ଘଟିଥିବା ବେଳେ ଏହାର ଠିକ୍ ପୂର୍ବବର୍ତ୍ତୀ ଚଉଠରେ ୩.୩ ଶତାଂଶ ସଂକୋଚନ ଘଟିଥିଲା । ଏଥିଯୋଗୁଁ ଜାପାନ୍ ବର୍ତ୍ତମାନ ପୃଥିବୀର ତୃତୀୟ ବୃହତ୍ତମ ଅର୍ଥନୀତି ସ୍ଥାନରୁ ଖସି ଚତୁର୍ଥ ସ୍ଥାନକୁ ଚାଲି ଆସିଛି ଓ ଚତୁର୍ଥ ସ୍ଥାନରେ ଥିବା ଜର୍ମାନୀ ତୃତୀୟ ସ୍ଥାନକୁ ଆରୋହଣ କରିଛି । ଯେତେବେଳେ କେ ?ଣସି ଦେଶର ଅର୍ଥନୀତି ଏଭଳି ଅପସରଣ ଦ୍ୱାରା ଆକ୍ରାନ୍ତ ହେ ?ାଇଥାଏ, ତାହା ସଂପୃକ୍ତ ଦେଶର ସରକାର, ନୀତି ନିର୍ଦ୍ଧାରକ ଓ ଅର୍ଥନୀତିଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ । ଏହାର କାରଣ ହେଲା, ଏହି ଅପସରଣ ହୁଏତ ମାତ୍ର କେତେ ମାସ ପାଇଁ ଦେଖା ଦେଇଥାଏ, କିନ୍ତୁ ଏହା ପରେ ସେଇ ଆକ୍ରାନ୍ତ ଅର୍ଥନୀତିକୁ ତା'ର ଅତୀତ ?ର ସ୍ୱାସ୍ଥ୍ୟ ଫେରି ପାଇବା ପାଇଁ ବେଳେବେଳେ ବର୍ଷାଧିକ ସମୟ ଲାଗି ଯାଇଥାଏ । ଅପସରଣ କାଳରେ ଯେଉଁ ବେକାରି ସୃଷ୍ଟି ହୋଇଥାଏ, ଅନେକ ସମୟରେ ଅର୍ଥନୀତି ଅପସରଣରୁ ମୁକୁଳି ବିକାଶ ହାସଲ କରିବାକୁ ଆରମ୍ଭ କରିବା ପରେ ମଧ୍ୟ ତାହା ଆଉ କିଛି କାଳ ଧରି ଲାଗି ରହିଥାଏ । ଏଣୁ ବିଧିବଦ୍ଧ ସଂଜ୍ଞା ଅନୁସାରେ ଅର୍ଥନୀତିଟି ଅପସରଣରୁ ମୁକୁଳିବା ପରେ ମଧ୍ୟ ଅନେକଙ୍କ ପାଇଁ ଆହୁରି କିଛି ସମୟ ପାଇଁ ଅପସରଣ ଲାଗି ରହିଥିବା ଭଳି ଅନୁଭବ ହୋଇଥାଏ । ଦେଶରେ ଦୁର୍ବଳ ଆଭ୍ୟନ୍ତରୀଣ ଚାହିଦା, ଉଚ୍ଚ ମୁଦ୍ରାସ୍ଫୀତି ହାର, ଶିଳ୍ପ ଉତ୍ପାଦନ ସଂକୋଚନ, ଅଶୋଧିତ ତେ ?ଳ ଦର ବୃଦ୍ଧି ଆଦି ଯୋଗୁଁ ଆରମ୍ଭ ହୋଇଥିବା ଅର୍ଥନେ ?ତିକ ଅପସରଣର ପ୍ରଭାବ ତେଣୁ ବେଶ୍ କିଛି କାଳ ପାଇଁ ସଂପୃକ୍ତ ଦେଶ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥାଏ । ପୃଥିବୀର ଏହି ପ୍ରମୁଖ ଅର୍ଥନୀତିମାନଙ୍କରେ ଦେଖା ଦେଇଥିବା ଏହି ଅର୍ଥନେ ?ତିକ ବ୍ୟାଧିର କାରଣ ମଧ୍ୟ କାହାକୁ ଅଜଣା ନୁହେଁ । ଦୁଇ ବର୍ଷରୁ ଅଧିକ କାଳ ଧରି କୋଭିଡ୍- ୧୯ ପାଣ୍ଡେମିକ୍ ସାରା ପୃଥିବୀର ଅର୍ଥନୀତିକୁ ଯେଉଁଭଳି ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଥିଲା, ତାହାର ପ୍ରଭାବରୁ ଏହି ଦେଶମାନେ ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ମୁକୁଳି ପାରି ନାହାନ୍ତି । ଏହି ବିକଶିତ ଦେଶସବୁର ଅର୍ଥନୀତି ଆନ୍ତର୍ଜାତିକ ଅର୍ଥନୀତି ସହିତ ନିବିଡ଼ ଭାବରେ ସଂଯୁକ୍ତ ହୋଇଥାନ୍ତି; ବା ଅନ୍ୟ ଭାଷାରେ କହିଲେ ଏହି ଅର୍ଥନୀତିମାନ ଅଧିକ ଜଗତ୍ ?କୃତ ହୋଇ ଆମଦାନି ରପ୍ତାନି ଉପରେ ଅଧିକ ନିର୍ଭରଶୀଳ ହୋଇଥାନ୍ତି । ପାଣ୍ଡେମିକ୍ ଜନିତ ଲକ୍‌ଡାଉନ୍ ଇତ୍ୟାଦି ଯୋଗୁଁ ଆମଦାନି ରପ୍ତାନି ଶୃଙ୍ଖଳ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ି ଏହି ଅର୍ଥନୀତିମାନଙ୍କ ପ୍ରତି ଯେ ?ଉଁ ଘୋର ବ୍ୟାଘାତ ପହଞ୍ଚାଇଥିଲା, ତାହା ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭରଣା ହୋଇ ପାରିନାହିଁ । ଇତିମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସେଇ ଘା'କୁ ଶୁଖିବାକୁ ନ ଦେଇ ଅଧିକ ବିଷାକ୍ତ କରିଛି । ଏହି ଯୁଦ୍ଧ ଯୋଗୁଁ ତେ ?ଳ ଦର ଓ ଖାଦ୍ୟ ସାମଗ୍ରୀ ଦରରେ ଯେଉଁ ବୃଦ୍ଧି ଘଟିଲା ତାହା ଅଧିକାଂଶ ଦେଶର ଅର୍ଥନୀତି ଉପରେ ଏକ ଅତିରିକ୍ତ ବୋଝ ଲଦି ଦେଲା । ଜାପାନ୍ ?କୁ ସ୍ଥାନଚ୍ୟୁତ କରି ଜର୍ମାନୀ ଏବେ ପୃଥିବୀର ତୃତୀୟ ବୃହତ୍ତମ ଅର୍ଥନୀତିର ସ୍ଥାନ ଦଖଲ କରିଥିଲେ ହେଁ ସେ ଦେଶ ମଧ୍ୟ ଏହି ସମସ୍ତ ପ୍ରତିବନ୍ଧକମାନଙ୍କ ସହିତ ଲଢ଼େଇ କରିବାରେ ଲାଗିଛି । ଏହି ସମୟରେ 'ଇଉରୋପିଆନ୍ ସେଣ୍ଟ୍ରାଲ୍ ବ୍ୟାଙ୍କ୍' ('ଇସିବି') ମୁଦ୍ରାସ୍ଫୀତି ବିରୋଧରେ ଲଢ଼େଇ ଜାରି ରଖି ସୁଧ ହାରରେ ଯେଉଁ ବୃଦ୍ଧି ଘଟାଇଛି, ତାହା ମଧ୍ୟ ଶିଳ୍ପ କ୍ଷେତ୍ରରେ ନିବେଶକୁ ନିରୁତ୍ସାହିତ କରୁଛି ଏବଂ ଉତ୍ପାଦିତ ସାମଗ୍ରୀମାନଙ୍କର ଦର ବୃଦ୍ଧି ଘଟାଇ ରପ୍ତାନି ଉପରେ ଅତିରିକ୍ତ ନିର୍ଭରଶୀଳ ଜର୍ମାନ୍ ଅର୍ଥନୀତିକୁ ପଛକୁ ଭିଡ଼ିବାରେ ଲାଗିଛି । ସେ ଦେଶରେ କୁଶଳୀ ଶ୍ରମଶକ୍ତିର ଅଭାବ ମଧ୍ୟ ପରିସ୍ଥିତିକୁ ଆହୁରି କଷ୍ଟକର କରିଛି । ପୃଥିବୀର ବିକଶିତ ଦେଶମାନେ ଏଇଭଳି ଏକ ବିଷାଦଜନକ ଅର୍ଥନେ ?ତିକ ଚିତ୍ର ପ୍ରଦାନ କରୁଥିବା ବେଳେ ଆନ୍ତର୍ଜାତିକ ନିବେଶକମାନେ ଯେତେବେଳେ ଏକ ଆଶାର ଆଲୋକର ସନ୍ଧାନ କରିବାରେ ଲାଗିଛନ୍ତି, ସେତିକିବେଳେ ପୃଥିବୀର ଯେଉଁ ଏକମାତ୍ର ଦେଶରେ ସେଇ ଆଲୋକର ଆଭା ଦୃଷ୍ଟିଗୋଚର ହେଉଛି, ସେ ଦେଶ ହେଉଛି ଭାରତ । 'ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି' ('ଆଇଏମ୍ ?ଏଫ୍') ତା'ର ସଦ୍ୟତମ ପ୍ରକାଶିତ 'ୱାର୍ଲଡ୍ ଇକୋନୋମିକ୍ ଆଉଟ୍ ?ଲୁକ୍'ରେ ୨୦୨୪ ଓ ୨୦୨୫ରେ ଭାରତୀୟ ଅର୍ଥନୀତି ଏକ ଉଚ୍ଚ ୬.୫ ଶତାଂଶ ହାରରେ ଅଭିବୃଦ୍ଧି ହାସଲ କରି ଚାଲିବ ବୋଲି ଭବିଷ୍ୟବାଣୀ କରିଛି । ଭାରତୀୟ ଅର୍ଥନୀତି ୨୦୨୬ରେ ଜାପାନ୍ ?କୁ ଓ ୨୦୨୭ରେ ଜର୍ମାନୀକୁ ଅତିକ୍ରମ କରିବାକୁ ଯାଉଛି ବୋଲି ମଧ୍ୟ 'ଆଇଏମ୍ ?ଏଫ୍' ଭବିଷ୍ୟବାଣୀ କରିଛି । ୨୦୨୩ରେ ଆମେରିକାର 'ଜିଡିପି'ର ଆକାର ୨୭.୯୪ ଟ୍ରିଲିଅନ୍ ଡଲାର୍ ଓ ଚୀନ୍ ?ର 'ଜିଡିପି'ର ଆକାର ୧୭.୫ ଟ୍ରିଲିଅନ୍ ଡଲାର୍ ଥିବାବେଳେ ଭାରତର 'ଜିଡିପି'ର ଆକାର ଥିଲା ମାତ୍ର ୩.୭ ଟ୍ରିଲିଅନ୍ ଡଲା , ଯାହା ଭାରତକୁ ପୃଥିବୀର ପ ଁମ ବୃହତ୍ତମ ଅର୍ଥନୀତିରେ ପରିଣତ କରିଛି । କିନ୍ତୁ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏହି ସମସ୍ତ ଦେଶମାନଙ୍କ ତୁଳନାରେ ଭାରତର ଅର୍ଥନୀତିର ଅଭିବୃଦ୍ଧି ହାର ହେଉଛି ବର୍ତ୍ତମାନ ଦ୍ରୁତତମ । ଆନ୍ତର୍ଜାତିକ ନିବେଶକମାନେ ବିଶ୍ୱାସ କରୁଛନ୍ତି ଯେ ଘୋର ଅସୁବିଧା ସମୟରେ ନିଜର ଶକ୍ତିଶାଳୀ ଅଭିବୃଦ୍ଧି ହାରକୁ ବଜାର ରଖି ପାରିଥିବା ଭାରତୀୟ ଅର୍ଥନୀତି ଆଗାମୀ ସମୟରେ ଏହାକୁ ବଳବତ୍ତର ରଖିବାରେ ମଧ୍ୟ ସଫଳ ହେବ । କୋଭିଡ୍ ପାଣ୍ଡେମିକ୍, ୟୁକ୍ରେନ୍ ଯୁଦ୍ଧ ଓ ତଜ୍ଜନିତ ଆନ୍ତର୍ଜାତିକ ରାଜନେ ?ତିକ-ଭେ ?ଗୋଳିକ ପରିସ୍ଥିତିରେ ସୃଷ୍ଟି ହୋଇଥିବା ଅସ୍ଥିରତା ଯୋଗୁଁ ବିବ୍ରତ ହୋଇ ବହୁଦେଶୀୟ କଂପାନିମାନେ କ୍ରମେ ଚୀନ୍ ?ରୁ ସେମାନଙ୍କର ଉତ୍ପାଦନ କେନ୍ଦ୍ରମାନ ଉଠାଇ ଆଣି ଅନ୍ୟ ଅନୁକୂଳ ପରିବେଶ ଥିବା ଦେଶମାନଙ୍କରେ ସ୍ଥାପନ କରିବାକୁ ଉଦ୍ୟମ ଆରମ୍ଭ କରିଦେଲେଣି । ପୃଥିବୀର ବୃହତମ ଗଣତନ୍ତ୍ର ଭାରତ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ରୂପେ ଆବିର୍ଭୂତ ହୋଇଛି । ଭାରତରେ ପରିଦୃଷ୍ଟ ରାଜନେ ?ତିକ ସ୍ଥିରତା, ଆଇନର ଶାସନ ସହିତ ମିଶି ରହିଛି ଏକ ବିଶାଳ ଶିକ୍ଷିତ ଯୁବ ଶ୍ରମଶକ୍ତି, ନୂତନ ଡିଜିଟାଲ୍ ଟେକ୍ ?ନୋଲୋଜି କ୍ଷେତ୍ରରେ ନେତୃସ୍ଥାନୀୟ ଅଗ୍ରଗତି ଓ ଏକ ବିଶାଳ ଆଭ୍ୟନ୍ତରୀଣ ବଜାର । ନିକଟ ଭବିଷ୍ୟତରେ ତେଣୁ ଭାରତ ତା'ର ଏହି ସମସ୍ତ ଅନ୍ତର୍ନିହିତ ଶକ୍ତି ବଳରେ ଏକ ବିକଶିତ ଅର୍ଥନୀତିରେ ପରିଣତ ହୋଇ ଆନ୍ତର୍ଜାତିକ ଅର୍ଥନେ ?ତିକ ପ୍ରତିଯୋଗିତାରେ ଯେ ବିଜୟ ଲାଭ କରିବାକୁ ଯାଉଛି, ବ୍ରିଟେନ୍ ଓ ଜାପାନ୍‌ର ଦୁରବସ୍ଥା ହେଉଛି ତା'ର ପୂର୍ବାଭାଷ ।

# ବିଷାକ୍ତ ବିଚାରଧାରା

ମାନନୀୟା ରଶ୍ମିରେଖା ମହାରଣାଙ୍କ ଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା । ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି । ବହିର ନାଁ "ବିଷାକ୍ତ ବାମପନ୍ଥ" ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ । ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି । ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ । ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବ ନ ଆସିବା ସ୍ୱାଭାବିକ୍ । ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି । ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତା'ଙ୍କୁ ଅନେକ ଅନେକ ଧନ୍ୟବାଦ । ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକ ମାନଙ୍କ ଭେଟିଦେବାକୁ ପ୍ରୟାସ କରିଛି । "ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା" ଉକ୍ତିଟିରେ ଅଙ୍ଗ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି । ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, 'ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା ? ଯାହା ଘଟି ଗଲା, ଗ୍ଳଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର ? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ ! ତା'କୁ ପଢିବ କିଏ ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚ୍ହହିଁବ ?'ରଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚିନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ ! ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡି ଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ଯା' କଥା କ'ଣ ଆଉ କହିବା ! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ଯାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ । ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗୀକ !ସତରେ କ'ଣ ବାମପନ୍ଥ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal




# ଜିଏସଟି ଫାଙ୍କି ଅଭିଯୋଗରେ ଫର୍ଣ୍ଣିଚର ଦୋକାନରେ ଚଢ଼ାଉ






ସୁନ୍ଦରଗଡ଼, ୨୨/୨ (ନି/ପ୍ର) :ଜିଏସ୍‌ଟି ଫାଙ୍କି ଅଭିଯୋଗ ରେ ଝାରସୁଗୁଡା ବାଣିଜ୍ୟକର ପ୍ରବର୍ତନ ବିଭାଗ ସୁନ୍ଦରଗଡର ଏକ ଫର୍ନିଚର ଦୋକାନ ଏବଂ ଗୋଦାମ ଉପରେ ଚଢାଉ କରିଛନ୍ତି । ସୁନ୍ଦରଗଡ଼ ଟାଉନ ଥାନା ମିଶନ ରୋଡ ସ୍ଥିତ ପ୍ରୀତି ଫର୍ଣିଚର ରେ ଏହି ଚଢାଉ ଜାରି ରହିଛି । ପ୍ରୀତି ଫର୍ଣିଚର ମାଲିକ ସୁରେଶ ରାଣା ଙ୍କ ଦୋକାନ, ଘର ସମେତ ମହେଶଡିହି ର ଦୁଇଟି ଗୋଦାମରେ ୩ଟି ଜିଏସ୍‌ଟି ଟିମ୍‌ର ଏହି ଚଢ଼ାଉ ଜାରି ରହିଛି । । ଝାରସୁଗୁଡା ବାଣିଜ୍ୟକର ପ୍ରବର୍ତନ ସହକାରୀ ଆୟୁକ୍ତ ସତୀଶ କୁମାର ଜାଲ୍ ଙ୍କ ନେତୃତ୍ୱରେ ଏହି ଚଢାଉ ଚାଲିଛି । ସୁରେଶଙ୍କ ପ୍ଲାଏଉଡ୍ ଏବଂ ଗୃହ ନିର୍ମାଣ ଉପକରଣ ର ବ୍ୟବସାୟ ରହିଛି । ଦୀର୍ଘ ଦିନ ରୁ ବ୍ୟବସାୟ କରୁଥିବା ବେଳେ ଅନେକ ପରିମାଣର ଜି ଏସ୍ ଟି ଠକେଇ କରିଥିବା ସନ୍ଦେହ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜି ଏସ୍ ଟି ଅଧିକାରୀ ମାନେ ବିକ୍ରି ଏବଂ କ୍ରୟର କାଗଜପତ୍ର ଯାଚଂ କରୁଛନ୍ତି ।

# ପେଟ୍ରୋଲ ପମ୍ପ କର୍ମଚାରୀଠାରୁ ଛୁରାମାଡ଼ କରି ୨ ଲକ୍ଷ ଲୁଟ୍



ରାଜଗାଙ୍ଗପୁର ୨୨/୨ : ଯାମପଲ୍ଲୀ ଛକ ନିକଟରେ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ ଙ୍କୁ ଛୁରା ମାଡ଼ କରି ଦିନ ଦୁଇ ପ୍ରହର ରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଜଣା ପଡୁଛି ଘଟଣାରୁ ପ୍ରକାଶ ଯେ ଯାମପଲୀ ନିକଟସ୍ଥ ରାଜ୍ୟପଥ ୧୦ ରେ ଜାମପାଲି ସ୍ଥିତ ରାୟ ପେଟ୍ରୋଲ ପମ୍ପ ର କର୍ମଚାରୀ ଅନୀଲ ତିୱାରୀ ଏକ ମୋଟର ସାଇକେଲ ଯୋଗେ ପେଟ୍ରୋଲ ପମ୍ପ ର ବିକ୍ରି ହୋଇଥିବା ଏକ ଲକ୍ଷ୍ୟ ୯୫ ହଜାର ଟଙ୍କା ଜମା କରିବା ପାଁଇ ବ୍ୟାଙ୍କ ଯାଉଥିବା ସମୟରେ ଜାମପଲ୍ଲୀ ଛକ ଏବଂ ଲମଲୋଇ ଛକ ମଧ ରେ ନିଛାଟିଆ ସ୍ଥାନ ଦେଖି ୫ ଜଣ ଦୃବୃର୍ତମାନେ ମଟର ସାଇକେଲ ଉପରେ ଆକ୍ରମଣ କରିଥିଲେ ଫଳରେ ଅନୀଲ ତିୱାରୀ ଜଣଙ୍କ ତଳେ ପଡି ଯାଇଥିଲେ ସୁଯୋଗ ପାଇ ଦୃବୃର୍ତମାନେ ମୁଁହରେ ଲୁଗା ବାନ୍ଧୀ ଆକ୍ରମଣ କରିଥିଲେ ଯାହାକି କେହି ଚିହ୍ନିଁ ପାରିନଥିଲେ ଟଙ୍କା ବେଗକୁ ଛଡାଇବା ପାଇଁ ହାତରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଥିଲେ ସେ ଟଙ୍କା ବ୍ୟାଗ କୁ ନଛାଡିବା ଯୋଗୁ ତାଙ୍କ ଅନ୍ୟହାତକୁ ଛୁରା ରେ ଆକ୍ରମଣ କରି ଲହୁଲୁହାଣ କରି ଦେଇ ଟଙ୍କା ବ୍ୟାଗ କୁ ଛଡାଇ ନେଇ ଯାଇଥିଲେ । ଅନୀଲ ତିୱାରୀଙ୍କୁ ପ୍ରାୟ ଶରୀର ଉପରେ ୧୦ ଥର ଛୁରା ରେ ଆଘାତ କରି ତଳେ ପକାଇ ଦେଇଥିଲେ ସେ ଆତ୍ମାରକ୍ଷା ପାଇଁ ମୋତେ ବଚାଂଅ ବୋଲି ଚିତ୍କାର କରୁ ଥିବା ବେଳେ ରାସ୍ତାରେ ଯାଉଥିବା କୌଣସି ଲୋକ ଏହି ଘଟଣାକୁ ବିରୋଧ କରି ନଥିଲେ । ନିରାଶ ହୋଇ ରକ୍ତକ୍ତ ଅବସ୍ଥାରେ ପଡି ରହିଥିଲେ ଲକୌଣସି ସୂତ୍ରରୁ ପୋଲିସ ଘଟଣା ସ୍ଥଳ ରେ ପହଚିଂ ଅନୀଲ ତିୱାରୀଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣି ଥିଲେ ଗଭୀର ଆଘାତ ଯୋଗୁଁ ଡାକ୍ତର ରାଉରକେଲା ଆର ଜି ଏଚ କୁ ସ୍ଥାନାନ୍ତର କରିଥିଲେ । ପୋଲିସ ଏହି ଘଟଣାକୁ ଗମ୍ଭୀରତା ର ସହ ତଦନ୍ତ କରୁଥିବା ଜଣା ପଡିଛି ।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ଅବସରରେ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ରାଉରକେଲା, ୨୨/୨(ନି/ପ୍ର): ଫାଇଭ -ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କ ରାଉରକେଲା ଗସ୍ତ ଅବସରରେ ରାଉରକେଲା ଓ ପାଶ୍ୱବର୍ତ୍ତୀ ଅଂଚଳର ବିଭିନ୍ନ ମୌଳିକ ସୁବିଧା ପ୍ରଦାନ ସହ ବିକାଶ ପାଇଁ ଡ଼କ୍ଟର ସୁମନ ଦନ୍ନଙ୍କ ନେତୃତ୍ୱରେ ରାଉରକେଲା ବିକାଶ ମଚଂ ଓ ହମିରପୁର ଉନ୍ନୟନ ପରିଷଦର ସଭ୍ୟମାନେ ବିସ୍ତୃତ ଆଲୋଚନା ସହ ଦାବିପତ୍ର ପ୍ରଦାନ କରିଥିଲେ କ୍ଷ ଆଠଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ରାଉରକେଲା ସହର ସର୍ବ ପୁରାତନ ଇସ୍ପାତ ସହରର ମାନ୍ୟତା ପାଇବା ସହ ଓଡିଶାର ଦ୍ୱିତୀୟ ସ୍ମାର୍ଟସିଟିର ମାନ୍ୟତା ପାଇଛି କ୍ଷ ଖଣିଖାଦାନ, ବିଭିନ୍ନ କଳକାରଖାନା, ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ, ଅଫିସ, ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ସୁନ୍ଦରଗଡ ଜିଲ୍ଲାର ଆଖିଦୃଶିଆ ଉନ୍ନତି ହୋଇନାହିଁ । ରେଳ ବିଭାଗକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିଲେ ମଧ ପର୍ଯ୍ୟାପ୍ତ ଭିନ୍ନିଭୂମି ଥାଇ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ହୋଇ ପାରିନାହିଁ । ଉଣେଇଶ ସହ ଷାଠିଏ ମସିହାରୁ ଚାଲିଥିବା ବିମାନ ବନ୍ଦର କୁ ଯଦିଓ ଗତବର୍ଷ ଜାନୁଆରୀ ସାତ ତାରିଖରୁ କାର୍ଯ୍ୟକ୍ଷମ କରାଗଲା, କିନ୍ତୁ ବିଭିନ୍ନ ଆଳ ଦେଖାଇ ପର୍ଯ୍ୟାୟକ୍ରମେ ତିନି ମାସରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଏହାର ସେବା ବନ୍ଦ ଥିଲା, ଯାହା ଫଳରେ ବିମାନ ଯାତ୍ରୀମାନଙ୍କ ମଧ୍ୟରେ ନୈରାଶଭାବ ଜାଗ୍ରତ ହେବା ବିଭିନ୍ନ ବିଭାଗ ମାନଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ନଥିବା ଯୋଗୁଁ ବିମାନ ବନ୍ଦର ବନ୍ଦ ହୋଇଯିବା ଭଳି ପରିସ୍ଥିତିରେ ପହଂଚିଛି । ରାଉରକେଲା ସହରର ଚାରି ପାର୍ଶ୍ୱରେ ଥିବା ହମିରପୁର, ଲୁଆକେରା, ତୁମକେଲା ଆଦି ଆଦିବାସୀ ବହୁଳ ବସ୍ତି ଅଂଚଳ ମ୍ୟୁନିସିପାଲ କର୍ପୋରେସନ କିମ୍ବା ପଂଚାୟତରେ ନ ଥିବାରୁ ଏହି ଅଂଚଳରେ ରହୁଥିବା ବାସିନ୍ଦା ମାନେ ରାସ୍ତାଘାଟ, ଡ୍ରେନଜ, ଷ୍ଟ୍ରୀଟଲାଇଟ, ସ୍ୱାସ୍ଥ୍ୟସେବା, ଶିକ୍ଷା,ଗମନାଗମନ, କଣ୍ଟ୍ରୋଂଲ ସାମଗ୍ରୀର ସୁବିଧା ଆଦି ମୌଳିକ ସେବା ପାଇବାରୁ ବଂଚିତ ହେଉଛନ୍ତି କ୍ଷ ତେଣୁ ରାଉରକେଲା ଠାରେ ଇଷ୍ଟକୋଷ୍ଟ ରେଳ ଅଧୀନରେ ଏକ ନୂତନ ରେଳ ଡିଭିଜନ ଖୋଲିବା ସହ ବିମାନ ସେବାକୁ ବାଙ୍ଗାଲୋର, ମୁମ୍ବାଇ, ଦିଲ୍ଲୀ ଆଦିକୁ ସମ୍ପ୍ରସାରିତ କରାଯାଉ କ୍ଷ ସହରକୁ ଲାଗି ରହିଥିବା ବସ୍ତି ଅଂଚଳକୁ ମୌଳିକ ସୁବିଧା ପ୍ରଦାନ କରିବା ସହ ମ୍ୟୁନସିପାଲିଟି କିମ୍ବା ପଂଚାୟତ ଅଧୀନରେ ରଖିଲେ ଏଇ ସହର ସହ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ଅର୍ଥନୈତିକ, ଶିକ୍ଷା, ଗମନାଗମନ ଆଦି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ଓଡିଶାର ସାମଗ୍ରିକ ଅଭିବୃଦ୍ଧି ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲାରେ ଆଲୋଚନା ହେଉଛି କ୍ଷ ପୂର୍ବରୁ ଶ୍ରୀ ପାଣ୍ଡିଆନ ଏଇ ସହରରେ ପ୍ରଶାସନିକ ଦାୟିତ୍ୱ ରେ ଥିବାରୁ ଓ ବହୁତ ଦିନର ଅଭିଜ୍ଞତା ହେତୁ ଏହି ସବୁ ବିଷୟରେ ଶୀଘ୍ର ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଥିଲେ କ୍ଷ ଏହି ପ୍ରତିନିଧି ଦଳରେ ଡ଼କ୍ଟର ଦନ୍ନଙ୍କ ସହ ଆନନ୍ଦ ମହାନ୍ତି, ଅଭୟ ଦାସ,ସଂଜୀବ ମହାନ୍ତି, ନିରଞ୍ଜନ ଦାସ ,ବାବାଜୀ ବେହେରା, ଉପେନ୍ଦ୍ର ନାୟକ, ନିରଞ୍ଜନ ନାୟକ, କୁଞ୍ଜ ବିହାରି ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



୫ଟି ଅଧ୍ୟକ୍ଷ ଏବଂ ନବୀନ ଓଡ଼ିଶା ର ଭିକେ କାର୍ତିକେୟନ ପାଣ୍ଡିଆନ ଆଜି ପାନପୋଷ ସ୍ପୋର୍ଟସ ହଷ୍ଟେଲ ପରିଦର୍ଶନ କରି ଖେଳାଳୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି

## ସ୍କାଉଟ ଆଣ୍ଡ ଗାଇଡର ଚିନ୍ତନ ଦିବସ ପାଳିତ

ରାଉରକେଲା, ୨୨/୨ (ନି/ପ୍ର) : ରାଉରକେଲା ସ୍କାଉଟ ଜିଲ୍ଲାର ସ୍କାଉଟ ଆଣ୍ଡ ଗାଇଡ ତରଫରୁ ସେକ୍ଟର ୧ ଠାରେ ଥିବା ସ୍କାଉଟ ଭବନ ଠାରେ ଚିନ୍ତନ ଦିବସ ପାଳିତ ହୋଇଯାଇଛି । ସ୍କାଉଟ ଆଣ୍ଡ ଗାଇଡ ର କମିଶନର ବ୍ରଜେନ୍ଦ୍ର ଦାଶ ଙ୍କ ସଭାପତିତ୍ୱ ଓ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ନାୟକ ଙ୍କ ଆବାହକତ୍ୱ ଓ ମଚଂ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯାଜପୁର ଜିଲ୍ଲାର ଶିକ୍ଷକ ନେତା ବିଷ୍ଣୁ ଚରଣ ସାହୁ ଓ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଚରିତ୍ର ଗଠନ, ସେବା ମନୋଭାବ, ସ୍ୱଛତା ଓ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାସହ ଚଳିତ ବର୍ଷ ଚିନ୍ତନ ଦିବସର ଥିମ୍ ପରିବେଶ ଓ ଦାରିଦ୍ର୍ୟ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା । ସୂଚନାଯୋଗ୍ୟ ଯେ ସ୍କାଉଟ ଆଣ୍ଡ ଗାଇଡ ର ପ୍ରତିଷ୍ଠାତା ଲେଡି ଓ୍ୱଡେନ ପାଓ୍ୱଲ ଙ୍କ ଜନ୍ମ ଦିବସ, ପ୍ରତ୍ୟେକ ବର୍ଷ ଫେବୃଆରୀ ମାସ ୨୨ତାରିଖକୁ ଚିନ୍ତନ ଦିବସ ରୁପେ ପାଳନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ସହରର ଥିବା ବିଭିନ୍ନ ବିଦ୍ୟାଳୟ ଯଥା ସେକ୍ଟର ୬ସ୍ଥିତ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ଓଏସଏପି, ଦୀପିକା ଇସ୍ପାତ ଶିକ୍ଷା ସଦନ, ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ବିଦ୍ୟା ମନ୍ଦିର,ଇଣ୍ଡୋ ଇଂଲିଶ ସ୍କୁଲ,ଡିଭାଇନ

# କମ୍ୟୁନ୍‌ର ରାଉରକେଲାରେ ପଚଂମ ଓପନ ମାଇକ ସଭିଙ୍କୁ କଲା ମନ୍ତ୍ରମୁଗ୍ଧ



ରାଉରକେଲା, ୨୨/୨(ନି/ପ୍ର): ଉଦିତ ନଗର ସ୍ଥିତ ଏନ୍.ଏସ୍.ଓ ରେଷ୍ଟ୍ରୋ ରେ କମ୍ୟୁନ୍ ଦ୍ୱାରା ପଚଂମ ଓପନ ମାଇକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ, କାହାଣୀ, କବିତା ଅତି ସୁନ୍ଦର ଢଙ୍ଗରେ ପରିବେଷଣ କରାଯାଇଥିଲା । ଭାଲେଟାଂଇନ ସପ୍ତାହ ଅବସରରେ ଶୀର୍ଷକ ଥିଲା 'ଇଜହାର୍' । କଳାକାରମାନଙ୍କ ସୁନ୍ଦର ପ୍ରେମ ଭରା ଗୀତ, ଗଳ୍ପ, ସଙ୍ଗୀତ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମତୁଆଲା କରିଦେଇଥିଲା । କମ୍ୟୁନ୍ ଏସିଆର ଏକ ଜଣାଶୁଣା ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ଅଟେ । ଏହା ଦେଶର ବିଭିନ୍ନ ସହରରେ କାର୍ଯ୍ୟକ୍ରମମାନ ଆୟୋଜିତ କରିଥାଏ । ଏସିଆର ସବୁଠାରୁ ବଡ଼ 'ସ୍ପୋକନ ଫେଷ୍ଟ 'ପ୍ରତି ବର୍ଷ ମୁମ୍ବାଇଠାରେ କମ୍ୟୁନ୍ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ଏଠାରେ ଅନେକ ପ୍ରତିଷ୍ଠିତ କଳାକାରଙ୍କ ସହିତ ନୂତନ ପ୍ରତିଭାଙ୍କୁ ମଧ୍ୟ ସୁଯୋଗ ଦିଆଯାଏ । କମ୍ୟୁନ୍‌ର ସହ ପ୍ରତିଷ୍ଠାତା ରୋଶନ ଆବାସଙ୍କର ସ୍ୱପ୍ନ ଥିଲା ଦେଶର ବିଭିନ୍ନ ପ୍ରାନ୍ତରେ ଏହାର ପ୍ରଚାର ଓ ପ୍ରସାର ଦ୍ୱାରା କଳାକାରମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟୁ ଏବଂ ଧିରେ ଧିରେ ଏହା ଲୋକଙ୍କ ମଧ୍ୟରେ ଆଦୃତ ହେବାରେ ଲାଗିଛି । ଗତବର୍ଷ ହକି ବିଶ୍ୱକପ ଅବସରରେ ଆୟୋଜିତ 'ରାଉରକେଲା ଫେଷ୍ଟ' ରେ କମ୍ୟୁନ୍ କୁ ଓଟିଡିସି ତରଫରୁ ଆମନ୍ତ୍ରଣ କରାଯାଇଥିଲା ।

# ସ୍ୱର୍ଣ୍ଣପ୍ରଭା ଓଡିଶା ମାଷ୍ଟର୍ସ ଆଥେଲେଟିକସ୍‌ର ଜିନିଅସ୍

## ପୁନେରେ ଜିତିଲେ ରୌପ୍ୟ



ରାଉରକେଲା, ୨୨/୨: ଇସ୍ପାତ ନଗରୀ ରାଉରକେଲାର ସ୍ୱର୍ଣ୍ଣପ୍ରଭା ମହାନ୍ତି ସୁନ୍ଦରଗଡ ଜିଲ୍ଲାର ଜଣେ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାଷ୍ଟର୍ସ ଆଥଲେଟିକସ୍‌ରେ ସେ ଜଣେ ଅପ୍ରତିଦ୍ୱନ୍ଦୀ କ୍ରିଡାବିତ୍ । ନିକଟରେ ପୁନେର ଛତ୍ରପତି ଶିବାଜୀ ଷ୍ଟାଡିୟମରେ ଆୟୋଜିତ ୪୪ତମ ଜାତୀୟ ମାଷ୍ଟର୍ସ ଆଥେଲେଟିକସ୍‌ର ସିନିୟର ମହିଳା ବିଭାଗରେ ଅଂଶ ଗ୍ରହଣ କରି ୧୫.୦୨.୨୦୨୪ରେ ୩୦୦ ମିଟର ହଡଲର୍ସ ଓ ୧୬.୦୨.୨୦୨୪ରେ ୨୦୦୦ ମିଟର ଷ୍ଟିପଲ ଚେସ୍‌ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି । ସୂଚନା ଯୋଗ୍ୟ ଯେ ଓଡିଶାରୁ ୩୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସ୍ୱର୍ଣ୍ଣପ୍ରଭାଙ୍କ ଇଚ୍ଛାଶକ୍ତି, ଆଗ୍ରହ, ନିଷ୍ଠା ଓ ଆନ୍ତରିକତା ତାଙ୍କର ମନୋବଳକୁ ଦ୍ୱୀଗୁଣିତ କରିଛି । ଜିଲ୍ଲା ପ୍ରଶାସନ କିମ୍ବା ରାଉରକେଲା ଇସ୍ପାତ କାରାଖାନା ବା ରାଜ୍ୟ ସରକାରଙ୍କ କୌଣସି ପ୍ରକାର ସହଯୋଗ ନପାଇ ମଦ୍ଧ୍ୱ ନିଜେ ନିଜକୁ ପ୍ରସ୍ତୁତ କରି ଜାତୀୟସ୍ତରର କ୍ରୀଡାବିତ ପାଲଟି ଯାଇଛନ୍ତି । ସେ ଭାଙ୍ଗି ପଡିନାହାନ୍ତି ବରଂ ଓଡିଶାକୁ ଗୌରବାନ୍ନିତ କରିବା ପାଇଁ ଚେଷ୍ଟିତ ଅଛନ୍ତି । ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ପାଖରେ ସବୁ ହିସାବ ଅଛି, ଅଥଚ ଜଣେ ସୁନାମଧନ୍ୟ ଆଥେଲେଟିକସ୍‌କୁ ଚିହ୍ନି ପାରୁନାହାନ୍ତି କିପରି ? । ସେ ୨୦୦୮ ମସିହାରୁ ଭୁବନେଶ୍ୱରରେ ଆୟୋଜିତ ବିଜୁ ପଟ୍ଟନାୟକ ମିନି ମାରାଥାନରେ ପ୍ରଥମ ସ୍ଥାନ ଅକ୍ତିଆର କରିଆସୁଛନ୍ତି । ସେ ମଦ୍ଧ୍ୱ ଜାତୀୟ ସ୍ତରର ଅନେକ କ୍ରୀଡାରେ ଯୋଗଦାନ କରି ପଦକ ହାତେଇବା ସହ ଓଡିଶାକୁ ଗୌରବାନ୍ୱିତ କରିଛନ୍ତି । ୨୦୧୬ରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ମାଷ୍ଟର୍ସ ଆଥଲେଟିକସର ୧୦୦ ମି ଦୌଡରେ ୧ମ ଓ ଲଙ୍ଗ ଜମ୍ପରେ ୧ମ ସ୍ଥାନ ଅକ୍ତିଆର କରି ଜାତୀୟ କ୍ରୀଡା ପାଇଁ ମନୋନୀତ ହୋଇଥିଲେ । ଜାନୁଆରୀ ୨୦୧୭ରେ ଭୁବନେଶ୍ୱରରେ ଟାଟାଷ୍ଟିଲ ଦ୍ୱାରା ଆୟୋଜିତ ହାପ୍ ମାରାଥାନରେ ଅଂଶ ଗ୍ରହଣ କରି ୨୧ କି.ମି ଦୌଡି ମେଡେଲ ଓ ପ୍ରମାଣପତ୍ର ପାଇଛନ୍ତି । ସେହିପରି ଫେବୃଆରୀ ୨୦୧୭ରେ ହାଇଦ୍ରାବାଦ ଷ୍ଟାଡିୟମରେ ଆୟୋଜିତ ୩୮ତମ ଜାତୀୟ ମାଷ୍ଟର୍ସ ଆଥେଲେଟିକ୍‌ସ ପ୍ରତିଯୋଗିତାର ୩୦୦ମି ହଡ୍‌ଲର୍ସରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇ ଓଡିଶାକୁ ସୁନାମ ଆଣିଛନ୍ତି । ଏହା ପୂର୍ବରୁ ସେ ମଦ୍ଧ୍ୱ ମାର୍ଚ୍ଚ ୨୦୧୭ରେ ଭୁବନେଶ୍ୱରରେ ଆୟୋଜିତ ବିଜୁ ମାରାଥାନରେ ଅଂଶ ଗ୍ରହଣ କରି ୫୫ ବର୍ଷର ଗୃପରେ ମଦ୍ଧ୍ୱ ୧ମ ସ୍ଥାନ ଅଧିକାର କରିଥିଲେ । ଶ୍ରୀମତୀ ମହାନ୍ତି ଆଜି ରାଉରକେଲାରେ ପହଂଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟିର ସଂପାଦକ ପ୍ରଂସର ବିଜୟ କୁମାର ଟପ୍ପୋ ଓ ଯୁଗ୍ମ-ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ତାଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ । ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ମୀ ରାଓ, ଅନୁ ଦାସ, ରମାକାନ୍ତ ନାୟକ, ଅଂଜଳି କଲ୍‌କେଟ, ଅନୁରାଗ ସ୍ୱାମୀ, ଅସିତ କୁମାର ମହାନ୍ତି, ହରିଶ ରାଓ, ପ୍ରଶାନ୍ତ କୁମାର ନାୟକ, ସୁଦର୍ଶନ କିଷ୍ପାନ, ସମୀର ମେହେର, କାହ୍ନା ମହାରାଣା, ମିହିର ଦାଶ ପ୍ରମୁଖ ଶ୍ରୀମତୀ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ।

# ପ୍ରତିଶ୍ରୁତି ପାଳନ କଲେ ୫ଟି ଅଧ୍ୟକ୍ଷ

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ କ୍ରୀଡା ହ୍ୱିଲ୍ ଚେୟାର ପ୍ରଦାନ



ରାଜଗାଙ୍ଗପୁର, ୨୨/୨ (ନି/ପ୍ର): ରାଜଗାଙ୍ଗପୁ ପୁର ର ବାସିନ୍ଦା ଦିବ୍ୟାଙ୍ଗ ବସନ୍ତ ନିମ ଶ୍ରେଷ୍ଠ ଙ୍କୁ ଜିଲ୍ଲା ପ୍ରଶାସନ ନ ପକ୍ଷରୁ ଆଜି କ୍ରୀଡା ହ୍ୱ ଲ ଚେୟାର ପ୍ରଦାନ ଯାଇଛି । ଗତ ଜାନୁଆରୀ ତାରିଖ ଦିନ ଜାମପାଲି କରାଯାଇଛି ମାସ ? ସ୍ଥିତ ଜମପଲି ଫୁଟବଲ ପଡିଆରେ ୫ ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ରେ ରେ ରାଜଗାଙ୍ଗପୁର ପାଇଁ ୧୦୦ କୋଟିର ପ୍ରକଳ୍ପ ଭେଟି ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ୫ ଟି ଅଧ୍ୟକ୍ଷ ବହୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଏହା ର ସମାଧାନ କରାଯି ଯିବ ବୋଲି ଅଧ୍ୟକ୍ଷ କହିଥିଲେ । ୫ ଟି ଅଧ୍ୟକ୍ଷ କାର୍ଯ୍ୟକ୍ରମ ସାରି ଫେରିବା ବାଟ ରେ କେଡ ନିକଟରେ ନିଜ ଅଭିଯୋଗ ପତ୍ର ଧରି ଦିବ୍ୟାଙ୍ଗ ଜଣକ ରହିଥିଲେ ଏହା ଦେଖି ଅଧକ୍ଷ ଙ୍କ କାର କେଡ଼ ଅଟକି ଯାଇଥିଲା ଓ ନିଜେ ଅଧ୍ୟକ୍ଷ କାର ରୁ ଓହ୍ଲାଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଦିବ୍ୟାଙ୍ଗ ବସନ୍ତ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ପଦକ ଜିତି ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଏକ କ୍ରୀଡା ହ୍ୱିଲ୍ ଚେୟର ପ୍ରଦାନ କଲେ ଆଗକୁ ଆହୁରି କ୍ରୀଡା ଅଂଶ ଗ୍ରହଣ କରି ରାଜ୍ୟ ପାଇଁ ଗୌରବ ଆଣି ପାରିବି ବୋଲି ଅଭିଯୋଗ ପତ୍ର ରେ ଲେଖା ହୋଇଥିଲା ।ଅଭିଯୋଗ ପତ୍ର କୁ ପଢ଼ି ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ କୁ ନିର୍ଦେଶ ଦେଇଥିଲେ ଭିକେ ପାଣ୍ଡିଅ । ଏହା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ବସନ୍ତ ଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା ଓ ଅଭିଯୋଗ ପତ୍ର ରେ ଲେଖା ହୋଇଥିବା କ୍ରୀଡା ଟ୍ରାଇ ସାଇକେଲ କୁ ପ୍ରଦାନ କରାଯିବ ବୋଲି ପ୍ରତି ଶ୍ରୁତି ଦେଇଥିଲେ । ଆଜି ଦିବ୍ୟାଙ୍ଗ ବସନ୍ତ ନିମ ଶ୍ରେଷ୍ଠ ଙ୍କୁ ଜିଲ୍ଲାପାଳ ଡକ୍ଟର ଗାଭାଲି ପରାଗ ହର୍ଷଦ ନିଜ କାର୍ଯ୍ୟାଳୟ ରେ ଏକ କ୍ରୀଡା ହ୍ୱିଲ୍ ଚେୟାର ପ୍ରଦାନ କରିଛନ୍ତି । କ୍ରୀଡା ହ୍ୱିଲ ଚେୟାର ପାଇବା ପରେ ଦିବ୍ୟାଙ୍ଗ ବସନ୍ତ ୫ ଟି ଅଧ୍ୟକ୍ଷ ଓ ଜିଲ୍ଲା ପ୍ରଶାସନ କୃତଜ୍ଞତା ଜଣାଇବା ସହ ଆଗକୁ କ୍ରୀଡ଼ାରେ ରାଜ୍ୟ ପାଇଁ ଗୌରବ ଆଣିବି ବୋଲି କହିଛନ୍ତି ।